ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 46 | 12 - 18 November 2023 | Sambalpur | Page- 8 | Invitation Price Rs.10





## ପବିତ୍ର ଦୀପାବଳି–୨୦୨୩ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)





## ପବିତ୍ର ଦୀପାବଳି – ୨୦୨୩ ଉପଲକ୍ଷେ ବାର୍ତ୍ତା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା



ଓଡ଼ିଶା ସରକାର



## ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ସମସ୍ତଙ୍କ ଜୀବନକୁ ରୂପାନ୍ତରର ଆଲୋକରେ ଆଲୋକିତ କରିବା ପାଇଁ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଶ୍ରେଷ୍ଠ ଓଡ଼ିଶା ଗଠନ କରି ଓଡ଼ିଶାର ସମ୍ମାନକୁ ନୂତନ ଶିଖରରେ ପହଞ୍ଚାଇବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସମ୍ବଲପୁରରେ 'ନୂଆ ଭାରତ ପାଇଁ ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନ'ର ଶୁଭାରମ୍ଭ କରିବେ ରାଷ୍ଟ୍ରପତି

ସମ୍ବଲପୁର : ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା 'ନୂଆ ଭାରତ ପାଇଁ ନୂଆ ଶିକ୍ଷା ରାଷ୍ଟ୍ରୀୟ ଅଭିଯାନ' ଆସନ୍ତା ୨୨ ତାରିଖରେ ଆରମ୍ଭ ହେବ । ସମ୍ବଲପୁରରୁ ଆରମ୍ଭ ହେବାକୁ ଥିବା ଏହି ଅଭିଯାନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭାରମ୍ଭ କରିବେ । ତାଙ୍କ ସହ ରାଜ୍ୟପାଳ ରଘୁବର ଦାସଙ୍କ ସହ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ବ୍ରହ୍ମାକୁମାରୀର ଶିକ୍ଷା ପ୍ରଭାଗର ଅଧକ୍ଷ ବ୍ରହ୍ମାକୁମାର ଡକ୍ଟର ମୃତ୍ୟୁଞ୍ଜୟ ଓ ଉପାଧକ୍ଷା ବ୍ରହ୍ମାକୁମାରୀ ରାଜଯୋଗିନୀ ସିଲୁ ଯୋଗଦେବେ ବୋଲି ବ୍ରହ୍ମକୁମାରୀ ଅନୁଷ୍ଠାନର ପଶ୍ଚିମଓଡିଶା ମୁଖ୍ୟ ରାଜଯୋଗିନୀ ପାର୍ବତୀ କହିଛନ୍ତି । ସେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପଧାନପାଲି ଟୋଲ ଗେଟ୍ ନିକଟ ପାବନ ସରୋବର ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୪ ହଜାରରୁ ଅଧିକ ଲୋକଙ୍କ ସମାଗମ ହେବ । କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଆସନ୍ତା ୧୫ ତାରିଖ ସୁଦ୍ଧା ପଞ୍ଜିକରଣ କରି ଉକ୍ତଦିନ ସକାଳ ୭ଟା ଭିତରେ ସଭାସ୍ଥଳକୁ ପହଞ୍ଚିବାକୁ ହେବ । ପ୍ରବେଶ ପତ୍ର ଓ ଆଧାର କାର୍ଡକୁ ବାଧତାମୂଳକ କରାଯାଇଥିବା ବେଳେ ବ୍ୟାଗ, ପାଣି ବୋତଲ ଏବଂ ମୋବାଇଲ ଫୋନ୍ ବାରଣ କରାଯାଇଥିବା ସେ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମକୁମାର ନଥମଲ ଓ ବ୍ରହ୍ମକୁମାରୀ ଦୀପା ଉପସ୍ଥିତ ଥିଲେ ।



୮ ପୃଷ୍ଠାରେ..



ଓଜନ କମ୍ କରିବ ସେଓ ସିରକା



ସ୍ୱାସ୍ଥ୍ୟ ପାଇଁ ହଳଦୀ କ୍ଷୀର



ଶରୀର ପାଇଁ ଲାଭକାରୀ ଗୁଡ଼



ଗଳା ସଂକ୍ରମଣରୁ ରକ୍ଷାକରେ ଗୁଜୁରାତି



ଓଜନ ହ୍ରାସ ଲାଗି ଆହାର



କେଶରର ଉପକାରିତା

# ବାପାଙ୍କ ସ୍ମରଣେ



ଦୁର୍ଗା ପ୍ରସାଦ ଦ୍ୱିବେଦୀଙ୍କ ସ୍ମୃତିରେ

'ବାପା' ଏକ ସ୍ନେହ ଓ ଆବେଗଭରା ଶବ୍ଦ ଯାହା ଆଜି ଆମ କଣ୍ଠରୁ ଲିଭି ଯାଇଛି । ଯାହାର ଭାବାବେଗ ଏବଂ ଭାବନାରେ ଦେହରେ ଶିହରଣ ଓ ଅନ୍ତରରେ କୋହର ବରଫ ଜମାଟ ବାନ୍ଧି ଯାଉଛି । ମରଣଶୀଳ ଦୁନିଆରେ ଆତ୍ମା ଯେ ଅମର ତାହା ଆଜି ପ୍ରମାଣିତ ହୋଇଯାଇଛି ।

ଏକ ସ୍ନେହୀ , ଦରଦୀ, ନିର୍ଭୀକ, ନୀତିବାନ, ବିଚାରବନ୍ତ ପୁରୁଷ ଥିଲେ ବାପା । ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତୀକ ଥିଲେ ବାପା । ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ର ଗୌରବ ଅର୍ଜନ କରିଥିଲେ । ଅଖଣ୍ଡ ଜ୍ଞାନର ଅଧିକାରୀ, ପ୍ରଚଣ୍ଡ ଧୀଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲା ବାପାଙ୍କର । ତାଙ୍କ ଦୁନିଆର ପ୍ରତ୍ୟେକଟି ସଦସ୍ୟ ଥିଲେ ତାଙ୍କର ଛାତ୍ରମାନେ ଏବଂ ତାଙ୍କର ଆତ୍ମୀୟସ୍ୱଜନ । ସମସ୍ତଙ୍କ ପାଇଁ ସେ ସବୁବେଳେ ଚିନ୍ତିତ ଥିଲେ । ସତେ ଯେମିତି ସମସ୍ତ କର୍ମର ବୋଝ ତାଙ୍କ ମୁଣ୍ଡ ଉପରେ ମଣ୍ଡିତ କରାହୋଇଛି । ମୋର ପଥ ପ୍ରଦର୍ଶକ ଏବଂ ଦିଗ୍‌ଦର୍ଶକ ଥିଲେ ବାପା । ତାଙ୍କ କଥାରୁ ଅନୁଭବ କରୁଥିଲି ସତେ ଯେମିତି ସେ ଭବିଷ୍ୟତକୁ ନିଜ ହାତ ମୁଠାରେ ବାନ୍ଧି ରଖିଛନ୍ତି । ଯାହା କହୁଥିଲେ ଆଜି ତାହା ହିଁ ଘଟଣାର ରୂପ ନେଇଗଲା । ନିଜର ସ୍ୱାସ୍ଥ୍ୟଗତ ଅସୁସ୍ଥତା ପାଇଁ ଆତ୍ମୀୟସ୍ୱଜନଙ୍କୁ ଦେଖି ନ ପାରିବା ତାଙ୍କୁ ମାନସିକ ସ୍ତରରେ ପ୍ରଚଣ୍ଡ ଆଘାତ ଦେଇଥିଲା । ବାପା ଅତ୍ୟନ୍ତ ମଣିଷରଙ୍କୁଣୀ ଥିଲେ । ସମସ୍ତଙ୍କୁ ଦେଖିଲେ ତାଙ୍କର ଭାବାବେଗର ସ୍ତର ବଢି ଯାଉଥିଲା । ଆନନ୍ଦରେ ବିଭୋର ହୋଇ ଯାଉଥିଲେ । ତାଙ୍କ ସୁପ୍ତ ବାଲ୍ୟ ଚପଳତାର ପରିପ୍ରକାଶ ହେଉଥିଲା ।

'ଲେଖା ପଢା' ଭିତରେ ଏମିତି ମଗ୍ନ ରହୁଥିଲେ ଯେ, ସେ ଖାଇବା, ଶୋଇବା ଭୁଲିଯାଉଥିଲେ । ଯାହା ପରିଣତ ବୟସରେ ଜୀବନର ବ୍ରତ ଥିଲା ତାଙ୍କର । ଆଜିର ଶୋକାକୁଳ ପରିବେଶରେ ନା ଅଛି ଉତ୍ସାହ, ନା ଆଗ୍ରହ, ନା ଉନ୍ମାଦନା । ଏକ ସ୍ୱାମୀ ଅନୁରକ୍ତା, ପତିପ୍ରାଣା ମା'ର ହୃଦୟ ଓ ମନ ଆଜି କ୍ଷତାକ୍ତ ଓ ଯନ୍ତ୍ରଣା ଜର୍ଜରିତ, ଯାହା ଆଉ କେବେବି ଶୁଖିବନି । ଭଗ୍ନ ହୃଦୟ ଓ ମନରେ ଲେଖାଟି ଲେଖିଲା ବେଳକୁ ହାତ ଥରିଉଠୁଛି ହେଲେ ସାହାସ ବାନ୍ଧି ଲେଖାଟି ଲେଖିବାକୁ ମନସ୍ଥ କଲି । ମରଣଶୀଳ ଏବଂ ପରିବର୍ତ୍ତନଶୀଳ ଦୁନିଆରେ ବାପା ଯେଉଁ ଅପରିବର୍ତ୍ତନଶୀଳ ବ୍ୟକ୍ତିତ୍ୱର ଲମ୍ବା ପାଦ ଚିହ୍ନ ଛାଡି ଯାଇଛନ୍ତି ତାହା ତାଙ୍କୁ ମୋ ହୃଦୟ ମନ୍ଦିରରେ ଅମର କରି ରଖିଥିବ । ତାଙ୍କ ନୀତି ଓ ଆଦର୍ଶ ମୋ ଜୀବନର ପାଥେୟ ହେଉ । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା ହିଁ ମୋର ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।

**ହରିପ୍ରିୟା ଦ୍ୱିବେଦୀ**

ମୋ. ୯୪୩୭୩୪୬୬୮୦

## ସିଦ୍ଧେଶ୍ୱରୀ ଧର୍ମ ସଂସଦର ନୂତନ କର୍ମକର୍ତ୍ତା

ସମ୍ବଲପୁର: ସିଦ୍ଧେଶ୍ୱରୀ ଧର୍ମ ସଂସଦର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି । ଡାକ୍ତର ରାଜାରାମ ଷଡ଼ଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ ନିର୍ବାଚନରେ ସର୍ବସମ୍ମତି କ୍ରମେ ଗୋପୀନାଥ ଷଡ଼ଙ୍ଗୀ ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋନୀତ ହୋଇଛନ୍ତି । ସେହିପରି ଶିବନାରାୟଣ ପାଣିଗ୍ରାହୀ ଓ ଅମୀୟ ପାଣି ଉପସଭାପତି, ସୁଶାନ୍ତ କୁମାର ପଣ୍ଡା ସମ୍ପାଦକ, ସବିତା ମିଶ୍ର ସହ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି । ଏହା ବ୍ୟତୀତ ଅରବିନ୍ଦ ମହାପାତ୍ର, ରଘୁନାଥ ମିଶ୍ର, ଶଙ୍କର୍ଷଣ ଆଚାର୍ଯ୍ୟ ଏବଂ ଦୁଷ୍ମନ୍ତ ସାହୁ କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି ।

## ସ୍ୱର୍ଗତ ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧାଙ୍କ ପତ୍ନୀ ବିୟୋଗ

ସମ୍ବଲପୁର : ଓପିଏସ୍‌ସିର ପୂର୍ବତନ ଅଧକ୍ଷ ତଥା ନିଖିଳ ଓଡିଶା ଆଦିବାସୀ ସାଂସ୍କୃତିକ ସଂସଦର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫେସର ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧାଙ୍କ ଧର୍ମପତ୍ନୀ କୁଳବତୀ ମିର୍ଦ୍ଧାଙ୍କ ଭୁବନେଶ୍ୱର ସ୍ଥିତ ଏମ୍ସ ଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ତାଙ୍କୁ ୭୫ ବର୍ଷ ହେଉଥିଲା । ତାଙ୍କର ମର ଶରୀରକୁ ସମ୍ବଲପୁର ସ୍ଥିତ ବାସଭବନକୁ ଅଣାଯାଇ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କରାଯାଇଥିଲା । ତାଙ୍କର ଦୁଇ ପୁତ୍ର ଓ ପାଞ୍ଚ ଝିଅ ଅଛନ୍ତି । ବଡ ପୁଅ ଡାକ୍ତର ବିଜୟ ରଞ୍ଜନ ମିର୍ଦ୍ଧା, ନୂଆଦିଲ୍ଲୀର ଏମ୍ସରେ ପ୍ରଫେସର ଓ କନିଷ୍ଠ ପୁତ୍ର ଇଞ୍ଜିନିୟର ଜୟ ପ୍ରକାଶ ମିର୍ଦ୍ଧା, ମୁମ୍ବାଇର ଏମଟିଏନଏଲରେ କାର୍ଯ୍ୟରତ ଅଛନ୍ତି ।

# ଆତ୍ମକେନ୍ଦ୍ରିତ ଜୀବନ ହିଁ ଆଧ୍ୟାତ୍ମିକ ଜୀବନ

**ଧ**ର୍ମ-ଅଧ୍ୟାତ୍ମ ଜୀବନର ବିରୋଧୀ ନୁହେଁ କି ଏହାର ଅର୍ଥ ଜୀବନରୁ ପଳାୟନ ହୋଇ ନ ଥାଏ । ଧର୍ମ ତ ଧାରଣ କରିବାର ଜିନିଷ, ତ୍ୟାଗ କରିବାର ନୁହେଁ । ଯାହା ଧାରଣ କରିବାରେ ସମର୍ଥ, ଯାହା ଆମର ଜୀବନକୁ ଧାରଣ କରିବାରେ, ଥାମି ରଖିବାରେ ସମର୍ଥ, ତାହା ହିଁ ଧର୍ମ ।

ଧର୍ମର ଅଭିପ୍ରାୟ କୌଣସି ମତ, ପନ୍ଥ, ସମ୍ପ୍ରଦାୟ କଦାପି ନୁହେଁ । ଏସବୁ ତ ଧର୍ମ ପ୍ରାପ୍ତିର ସାଧନ ମାତ୍ର, ସାଧ ନୁହେଁ । ଧର୍ମ ଏକ ମର୍ଯ୍ୟାଦା, ଏକ ବନ୍ଧନ, ଯାହା ମନୁଷ୍ୟକୁ ମର୍ଯ୍ୟାଦାରେ ରହିବାକୁ ପ୍ରେରିତ କରିଥାଏ, ପ୍ରସ୍ତୁତ କରିଥାଏ । ଯିଏ ମର୍ଯ୍ୟାଦାର ସୀମା ଲଙ୍ଘନ କରେ, ସେ ଜୀବନରେ ବିଧ୍ୱଂସ ଓ ବିନାଶକୁ ହିଁ ଆମନ୍ତ୍ରଣ କରିଥାଏ ।

ଦୁର୍ଯ୍ୟୋଧନ, ଦୁଃଶାସନ, ରାବଣ, କୁମ୍ଭକର୍ଣ୍ଣ ଆଦି ଏପରି ଅନେକ ପୌରାଣିକ, ଐତିହାସିକ ଚରିତ୍ର ଅଛନ୍ତି, ଯେଉଁମାନେ ଧନଧାନ୍ୟରେ ପରିପୂର୍ଣ୍ଣ ହୋଇ ମଧ ମର୍ଯ୍ୟାଦାରେ ନ ରହିବା କାରଣରୁ ବିନାଶ ପ୍ରାପ୍ତ ହେଲେ । ମର୍ଯ୍ୟାଦାର ଅର୍ଥ ମାନବୀୟ ମର୍ଯ୍ୟାଦା । ମନୁଷ୍ୟ ମଧରେ ଯଦି ମନୁଷ୍ୟୋଚିତ ମର୍ଯ୍ୟାଦା, ମାନବୀୟ ଗୁଣ, ମାନବୀୟ ଚରିତ୍ର ନ ରହିବ ତ ସିଏ କି ପ୍ରକାର ମନୁଷ୍ୟ ହଁ ! ସେ ଆକୃତିରେ ମନୁଷ୍ୟ ପରି ଅବଶ୍ୟ ଦେଖାଯାଏ, କିନ୍ତୁ ମନୁଷ୍ୟତା ଅର୍ଥାତ୍ ମାନବୀୟ ଗୁଣଗୁଡ଼ିକର ଅଭାବରେ ସେ ବାସ୍ତବରେ ମନୁଷ୍ୟ ପରି ବ୍ୟବହାର କରିପାରେ ନାହିଁ ।

ଧର୍ମ ହିଁ ମନୁଷ୍ୟ ମଧରେ ମାନବୀୟ ଗୁଣଗୁଡ଼ିକୁ ଭରି ତାକୁ ପ୍ରକୃତ ଅର୍ଥରେ ମନୁଷ୍ୟ କରିଥାଏ । ଯେପରି ଝଡ଼ ହେଲେ ବିପର୍ଯ୍ୟୟ, ବିଧ୍ୱଂସ ଦେଖିବାକୁ ମିଳେ, ସେହିପରି ଧର୍ମ ପରିବର୍ତ୍ତେ ଯେତେବେଳେ ମନୁଷ୍ୟ ଅଧର୍ମ ଅର୍ଥାତ୍ ଦୁଷ୍କର୍ମ, ବେଇମାନି, ଅନୀତି, ଅସତ୍ୟ, ଅନାଚାର, ଦୁରାଚାର, ହିଂସା ଆଦି ମାର୍ଗରେ ଚାଲେ ସେତେବେଳେ ତା' ଜୀବନରେ ମଧ ଭୀଷଣ ବିଧ୍ୱଂସର ଝଡ଼ ମାଡ଼ି ଆସେ, ଯେଉଁ କାରଣରୁ ତା'ର ସର୍ବନାଶ ହୋଇଯାଏ । ଧାର୍ମିକ ଜୀବନ ସହିତ ତ ତା'ର କୌଣସି ନେଣଦେଣ ହିଁ ନାହିଁ । ଯିଏ ଧାର୍ମିକ, ସେ ଖରାପ ହୋଇ ନ ପାରେ । ସେ ଖରାପ କର୍ମ କରି ନ ପାରେ ଏବଂ ଯିଏ ଅଧାର୍ମିକ, ସେ ଉତ୍ତମ କର୍ମ କରିବାକୁ ପ୍ରେରିତ ହୋଇ ନଥାଏ କି ଉତ୍ତମ କର୍ମ କରି ନଥାଏ ।

ସମୁଦ୍ରରେ ଯେପରି ଜୁଆର-ଭଙ୍ଗା ଉଠିଥାଏ, ଝଡ଼ ଆସିଥାଏ, ସେହିପରି ଧାର୍ମିକ ଦୃଷ୍ଟି ନ ରହିଲେ ମନୁଷ୍ୟର ମନରେ ବିଷୟ ବାସନା, କ୍ରୋଧ, ଲୋଭ, ମୋହ, ଦମ୍ଭ, ଦୁର୍ଭାବ, ଦ୍ୱେଷ ଆଦି ବିଚାର ରୂପେ ଜୁଆର- ଭଙ୍ଗା ଭଳି ଉଠିଥାଏ, ପୁଣି ସେହି ଦୁର୍ଗୁଣଗୁଡ଼ିକର ଆବେଶରେ ମନୁଷ୍ୟ ଅଧର୍ମ ମାର୍ଗରେ ଚାଲିଥାଏ, ଦୁଷ୍କର୍ମର ମାର୍ଗରେ ଚାଲିଥାଏ, ଯଦ୍ୱାରା ତା'ର ଜୀବନ ବରବାଦ ହୋଇଯାଏ ।

ମନୁଷ୍ୟ ଯେତେବେଳେ ଧର୍ମମୟ ଜୀବନଯାପନ କରେ ତ ତା'ର ଜୀବନ ସୁଖ-ସମୃଦ୍ଧି, ଶାନ୍ତିରେ ପରିପୂର୍ଣ୍ଣ ହୋଇଥାଏ, ଯେପରି ନଦୀ ତାହାର ସୀମା ମଧରେ ପ୍ରବାହିତ ହେଉଥିବା ପର୍ଯ୍ୟନ୍ତ ଜୀବନ ଦେଇଥାଏ, ସବୁଜିମା ଓ ସମ୍ପନ୍ନତା ଦେଇଥାଏ, କିନ୍ତୁ ଯେତେବେଳେ ତାହା ସୀମା ଲଂଘନ କରେ ତ ବନ୍ୟା ଭଳି ବିଭୀଷିକା ଆଣିଥାଏ, ବରବାଦି ଆଣିଥାଏ । ସୀମା ଭାଙ୍ଗିଲେ ଜୀବନଦାୟିନୀ ନଦୀ ଜୀବନ ନେବାରେ ଲାଗେ । ସେହିପରି ଅଧର୍ମ ଆମ ପାଇଁ ଭୀଷଣ ବିଭୀଷିକା ଭଳି, ଯାହା ଆମ ସହିତ ଅନ୍ୟମାନଙ୍କ ପାଇଁ ବି ବିଧ୍ୱଂସର କାରଣ ହୋଇଥାଏ । ସେଥିପାଇଁ ଆମ ଜୀବନରେ ଧର୍ମ ରହିବା ଉଚିତ, ଯାହା ଆମକୁ ଥାମି ପାରିବ, ଆମର ରକ୍ଷା କରି ପାରିବ । ଠିକ୍ ଯେପରି ଜଣେ ମା' ନିଆଁ ଆଡ଼କୁ, ଗଭୀର ନଦୀ ଆଡ଼କୁ ମାଡ଼ି ଯାଉଥିବା ତା'ର ଛୋଟ ପିଲାକୁ ସେ ଦିଗରେ ଯିବାକୁ ଅଟକାଇ ତା'ର ପ୍ରାଣରକ୍ଷା କରିଥାଏ, ସେହିପରି ଧର୍ମ ଆମର ରକ୍ଷା କରିଥାଏ । ସେଥିପାଇଁ କୁହାଯାଇଛି – 'ଧର୍ମୋ ରକ୍ଷତି ରକ୍ଷିତଃ' ଅର୍ଥାତ୍ ଯିଏ ଧର୍ମର ରକ୍ଷା କରେ, ଯିଏ ଧର୍ମ ଭାବନାରେ ବଞ୍ଚୁଥାଏ, ଧର୍ମ ତା'ର ରକ୍ଷା କରିଥାଏ । ଧର୍ମ ଆମକୁ କୁମାର୍ଗରେ ଯିବାକୁ ଅଟକାଇ ଆମର ରକ୍ଷା କରିଥାଏ ।

ଧାର୍ମିକ ହେବାର ତାତ୍ପର୍ଯ୍ୟ କୌଣସି ବିଶେଷ ବେଶବିନ୍ୟାସ ଧାରଣ କରିବା ହୋଇ ନଥାଏ, ଯାହା ଧାରଣ କରିବାର ଯୋଗ୍ୟ ଏବଂ ଯାହାକୁ ଧାରଣ କଲେ ଜୀବନ ସୁନ୍ଦର, ସୁଗଠିତ, ସୁଖଦ ଓ ସମୃଦ୍ଧ ହୋଇଥାଏ, ତାହା ଧର୍ମ । ନୈତିକତା, ସଚ୍ଚୋଟତା, କର୍ତ୍ତବ୍ୟପରାୟଣତା, ବିଚାରଶୀଳତା, ସାହସିକତା, ଶ୍ରମଶୀଳତା ଆଦି ଗୁଣ ଜୀବନକୁ ନିଃସନ୍ଦେହ ସୁଗଠିତ, ସୁନ୍ଦର ଓ ସମୃଦ୍ଧ କରିଥାଏ, ତ ଅନ୍ୟ ପକ୍ଷରେ ଅନୈତିକତା, ବେଇମାନି, ଅନାଚାର, ଦୁରାଚାର, ଆଳସ୍ୟ, ପ୍ରମାଦ ଆଦି ଅବଗୁଣ ଜୀବନରେ ଦୁଃଖର ପାହାଡ଼ ଠିଆ କରିଦିଏ, ଯଦ୍ୱାରା ଜୀବନ ବୋଝ ପରି, ଭାର ପରି ଲାଗେ । ଏପରି ଭୁଲ କର୍ମ କଲେ, ମନ୍ଦ କର୍ମ କଲେ ଆମକୁ ତାହାର କୁପରିଣାମ ଭୋଗିବାକୁ ହୋଇଥାଏ । ଆମେ ଆତ୍ମଗ୍ଲାନି, ଅବସାଦ, ଚାପ, କୁଣ୍ଠା, ଚିନ୍ତା, ଉଦ୍‌ବିଗ୍ନତାର ଶିକାର ହୋଇଥାଉ ଏବଂ ନିଜର ଅମୂଲ୍ୟ ଜୀବନ ସ୍ୱୟଂ ହିଁ ଦୁଃଖରେ ଭରିଦେଉ । ଆମର କାର୍ଯ୍ୟକ୍ଷମତା, ଉତ୍ପାଦକତା କମ୍ ହୋଇଯାଏ, ଯଦ୍ୱାରା ଆମେ କୌଣସି କାର୍ଯ୍ୟକୁ ଠିକ୍ ଢଙ୍ଗରେ କରିପାରି ନ ଥାଉ । ନୈତିକତା, ସଚ୍ଚୋଟତା, କର୍ତ୍ତବ୍ୟ ପରାୟଣତା, ବିଚାରଶୀଳତା, ସାହସିକତା, ଶ୍ରମଶୀଳତା ଆଦିର କୌଣସି ସମ୍ପ୍ରଦାୟ, ପନ୍ଥ ସମ୍ପ୍ରଦାୟ, ମତ ସହିତ କୌଣସି ନେଣଦେଣ ନାହିଁ । ଏହି ଗୁଣଗୁଡ଼ିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳ ହେବା ଆବଶ୍ୟକ । ଏହି ଗୁଣଗୁଡ଼ିକ କାରଣରୁ ମନୁଷ୍ୟ ଜୀବନରେ ସମସ୍ତ ଖୁସି ପ୍ରାପ୍ତ କରିପାରେ, ଧନ-ବୈଭବ, ସୁଖ-ସମୃଦ୍ଧି ସବୁ କିଛି ପାଇପାରେ । ଧାର୍ମିକ ହେବାର ଅର୍ଥ ଆକୃତି ସହିତ ପ୍ରକୃତିରେ ବି ମନୁଷ୍ୟ ହେବା, ମନୁଷ୍ୟଯାଚିତ ବ୍ୟବହାର କରିବା । ଧାର୍ମିକ ହେବାର ଅର୍ଥ ସଚ୍ଚୋଟ, ବିଚାରଶୀଳ, କର୍ତ୍ତବ୍ୟପରାୟଣ, ସାହସୀ, ଶ୍ରମଶୀଳ, କର୍ମଶୀଳ, କର୍ତ୍ତବ୍ୟନିଷ୍ଠ ହେବା ଓ ନିଜର କର୍ତ୍ତବ୍ୟ ପଥରେ ଦୃଢ଼ ରହିବା ।

ଧର୍ମ ଜୀବନ ଠାରୁ ପଳାୟନର ନାମ ନୁହେଁ, ବରଂ ଏହା ତ ଆମକୁ ଜୀବନରେ ପଳାୟନ କରିବାରୁ ରୋକିଥାଏ । ନିଜର କର୍ତ୍ତବ୍ୟ ପଥରେ ଅବିଚଳ ଭାବରେ ଚାଲିବାର ନାମ ହିଁ ଧର୍ମ । ସେଥିପାଇଁ ଧର୍ମର ବ୍ୟାପକ ଅର୍ଥ ହେଉଛି କର୍ତ୍ତବ୍ୟ । ଜଣେ ମାତା-ପିତା, ଭାଇ-ଭଉଣୀ ରୂପେ ଆମର ଯାହା କର୍ତ୍ତବ୍ୟ ରହିଛି, ତାହା ପୂରଣ କରିବା ହିଁ ଧର୍ମ । ମନୁଷ୍ୟ ହୋଇଥିବା ଦୃଷ୍ଟିରୁ ପରିବାର, ସମାଜରେ ମନୁଷ୍ୟୋଯାଚିତ ବ୍ୟବହାର କରିବା ଆମର ଧର୍ମ, ଏହା ଆମର କର୍ତ୍ତବ୍ୟ । ଜଣେ ନାଗରିକ ହିସାବରେ ନିଜ ରାଷ୍ଟ୍ରର ସମ୍ମାନ-ଗୌରବ-ପ୍ରତିଷ୍ଠା ସକାଶେ ନିଜର ସର୍ବସ୍ୱ ଉତ୍ସର୍ଗ କରିଦେବା ପାଇଁ ସର୍ବଦା ତତ୍ପର ରହିବା ହିଁ ଧର୍ମ । ଅନ୍ୟମାନଙ୍କର ସେବା, ସହାୟତା, ପରୋପକାର କରିବା ହିଁ ଧର୍ମ । ଆମେ ନିଜର ମତ, ସମ୍ପ୍ରଦାୟ ଆଧାରରେ ଯେଉଁ ସବୁ ଧାର୍ମିକ କ୍ରିୟା କରିଥାଉ, ତାହାର ଉଦ୍ଦେଶ୍ୟ ହେଉଛି ଆମେ ଏହି ଅର୍ଥରେ ଧାର୍ମିକ ହେବା । ହଁ! ଏହା ମଧ ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ କେବଳ କହିଦେଲେ ବା ଚାହିଁଦେଲେ ଆମେ ଧାର୍ମିକ, ସଚ୍ଚୋଟ, ନୈତିକ, ପରୋପକାରୀ, କର୍ତ୍ତବ୍ୟପରାୟଣ, ସାହସୀ ହୋଇଯିବା ନାହିଁ ।

ଧାର୍ମିକ ହେବା ପାଇଁ ଅର୍ଥାତ୍ ନୈତିକ, କର୍ତ୍ତବ୍ୟନିଷ୍ଠ, ସଚ୍ଚୋଟ ହେବା ପାଇଁ ଆମେ ଆଧାତ୍ମିକ ହେବା ଅତ୍ୟନ୍ତ ଆବଶ୍ୟକ । ଯେପରି ପୂର୍ଣ୍ଣିମାର ଚନ୍ଦ୍ର ଦ୍ୱାରା କଳା ଅନ୍ଧକାର ରାତି ଉଜ୍ଜ୍ୱଳ ହୋଇଯାଏ, ସେହିପରି ଆଧାତ୍ମିକ ହେବା ମାତ୍ରେ ଆମେ ସ୍ୱୟଂ ଧାର୍ମିକ, ଅର୍ଥାତ୍ ନୈତିକ, ସଚ୍ଚୋଟ, କର୍ତ୍ତବ୍ୟପରାୟଣ ହୋଇଯାଉ, ସେଥିପାଇଁ ଆମକୁ କୌଣସି ବିଶେଷ ପ୍ରୟାସ କରିବାକୁ ପଡ଼େ ନାହିଁ ।

ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବା, ଧରାପଡ଼ି ଯିବା, ପୁଲିସ-ଅଦାଲତ, ସି.ସି.ଟି.ଭି. କ୍ୟାମେରା ଆଦି ଭୟରେ କେହି କର୍ତ୍ତବ୍ୟପରାୟଣ ଓ ସଚ୍ଚୋଟ ହେବାର ଛଳନା, ବାହ୍ୟ ପ୍ରଦର୍ଶନ କରିପାରେ, ଉତ୍ତମ ଦେଖାଯିବାର ଅଭିନୟ କରିପାରେ, କିନ୍ତୁ ସେ ବାସ୍ତବରେ ଉତ୍ତମ, କର୍ତ୍ତବ୍ୟପରାୟଣ ହୋଇ ନପାରେ । କାହିଁକି ? କାରଣ ସେ ବାହାରୁ ଯେପରି ସଚ୍ଚୋଟ ବା ଉତ୍ତମ ଦେଖାଯିବାକୁ ଚାହିଁଥାଏ, ଭିତରୁ ସେପରି ହୋଇ ନଥାଏ । ସେଥିପାଇଁ ସେ ସର୍ବଦା ସେପରି କରିବାର ଚକ୍କରରେ ରହିବ, ଯେପରି ସେ ବାସ୍ତବରେ ଭିତରୁ ହୋଇଥାଏ ।

ଉତ୍ତମ ମନୁଷ୍ୟ ହେବା ପାଇଁ ମନୁଷ୍ୟ ଭିତରେ ନୈସର୍ଗିକ ପରିବର୍ତ୍ତନ ଆସିବା ଆବଶ୍ୟକ । ନୈସର୍ଗିକ ଏବଂ ସମଗ୍ର ପରିବର୍ତ୍ତନ ହିଁ ବ୍ୟକ୍ତିକୁ ନୈସର୍ଗିକ ରୂପେ ଉତ୍ତମ ଓ ସଚ୍ଚୋଟ ମନୁଷ୍ୟ କରିଥାଏ । ଏହି କାମ ଅଧାତ୍ମ ହିଁ କରିପାରେ । ମନୁଷ୍ୟର ସମ୍ପୂର୍ଣ୍ଣ ଆନ୍ତରିକ ରୂପାନ୍ତରଣ ଅଧାତ୍ମ ଦ୍ୱାରା ହିଁ ସମ୍ଭବ ।

ଅଧାତ୍ମ- 'ଅଧି+ଆତ୍ମ' ଏହି ଦୁଇଟି ଶବ୍ଦରେ ଗଠିତ, ଯାହାର ଅର୍ଥ ହେଉଛି ଆତ୍ମା ଦିଗରେ । ମନୁଷ୍ୟର ଜୀବନ ଯେତେବେଳେ ଶରୀର କେନ୍ଦ୍ରିତ ହୋଇଥାଏ, ସେତେବେଳେ ସେ କେବଳ ଶରୀର ସୁଖ ବିଷୟରେ ଚିନ୍ତା କରେ, ବିଚାର କରେ ଏବଂ ତଦନୁରୂପ ସୁଖର ସାଧନ ଯୋଗାଡ଼ରେ ଲାଗି ରହେ, ପୁଣି ସ୍ୱୟଂର ଶରୀରକୁ ସୁଖୀ ରଖିବାର ସାଧନକୁ ସେ ଅନୀତି, ହିଂସା, ଅନାଚାର ଆଦି ଯେକୌଣସି ଉପାୟରେ ହାସଲ କରିବାର ପ୍ରୟାସ କରିଥାଏ । ସେ ନିଜର ଶରୀର ସହିତ ଜଡ଼ିତ ସମ୍ବନ୍ଧଗୁଡ଼ିକ ବ୍ୟତୀତ ଅନ୍ୟ କାହା ସହିତ କୌଣସି ସମ୍ବନ୍ଧ ଅନୁଭବ କରେ ନାହିଁ । ଦେହାସକ୍ତି କାରଣରୁ ସେ ସ୍ୱାର୍ଥର ପଙ୍କରେ ଏତେ ଗଭୀରକୁ ଫସିଯାଏ ଯେ ସୁଖ-ସାଧନଗୁଡ଼ିକର ଭଣ୍ଡାର ଥାଇ ମଧ ସର୍ବଦା ଦୁଃଖୀ ରହିଥାଏ । ସେ ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ଆଦି କୌଣସି କର୍ତ୍ତବ୍ୟ ପାଳନ କରିବାରେ ପୂର୍ଣ୍ଣତଃ ଅସମର୍ଥ ହୋଇଥାଏ । ସେ ଜଣେ ଉତ୍ତମ ପିତା, ଭାଇ, ପୁଅ, ସମ୍ପର୍କୀୟ, ବିଦ୍ୟାର୍ଥୀ ହୋଇପାରେ ନାହିଁ କି ଉତ୍ତମ ନାଗରିକ ହୋଇପାରେ ନାହିଁ । ସେ ଜଣେ ଉତ୍ତମ ଅଧାପକ, ଚିକିତ୍ସକ, ଯନ୍ତ୍ରୀ, ଶିଳ୍ପପତି, କଳାକାର, ସଙ୍ଗୀତକାର, ନେତା, ଅଭିନେତା, କୃଷକ ତଥା ଉତ୍ତମ ବ୍ୟକ୍ତି ମଧ ହୋଇପାରେ ନାହିଁ ।

କାହିଁକି ? କାରଣ ସେ ଜଣେ ଭଲ ମଣିଷ, ସଚ୍ଚା ମନୁଷ୍ୟ ହୋଇ ନଥାଏ । ସେ ସବୁ ଜାଗାରେ ଅପମାନିତ ହୋଇଥାଏ ଓ ଦୁଃଖ ଭୋଗିଥାଏ । ଏସବୁ ଶରୀର କେନ୍ଦ୍ରିତ ଜୀବନଯାପନର ହିଁ ପ୍ରତିଫଳ, କିନ୍ତୁ ଯେତେବେଳେ ସେ ଶରୀରର ଉର୍ଦ୍ଧ୍ୱକୁ ଉଠି ଆତ୍ମା ଆଡ଼କୁ ଦେଖିଥାଏ, ଆତ୍ମଚିନ୍ତନ କରିଥାଏ, ସେତେବେଳେ ସେ ଦେହାସକ୍ତିର ପଙ୍କରୁ ବାହାରି ଆସି ଆତ୍ମକେନ୍ଦ୍ରିତ, ଆତ୍ମପରାୟଣ ଜୀବନଯାପନ କରିବାରେ ଲାଗେ ଏବଂ ଜୀବନର ପଙ୍କରେ ମଧ ପଦ୍ମ ପରି ଫୁଟିଉଠେ ।

**ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ**

# ଆତ୍ମକେନ୍ଦ୍ରିତ ଜୀବନ ହିଁ ...

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଶରୀର କେନ୍ଦ୍ରିତ ଜୀବନକୁ ଓଲଟାଇ ତାହାକୁ ଆତ୍ମକେନ୍ଦ୍ରିତ କରିଦେବା ହିଁ ଅଧ୍ୟାତ୍ମ । ଆତ୍ମକେନ୍ଦ୍ରିତ ଜୀବନଯାପନ ଦ୍ୱାରା ହିଁ ମନୁଷ୍ୟ ମଧ୍ୟରେ ଦେବତ୍ୱ ଅର୍ଥାତ୍ ଦୈବୀ ଗୁଣଗୁଡ଼ିକର ଅଭିବୃଦ୍ଧି ହୋଇଥାଏ ଏବଂ ଚାହୁଁ ଚାହୁଁ ତା'ର ଜୀବନ ଦେବସ୍ୱରୂପ ହୋଇଯାଏ ।

ସେ ନିଜ ବିଷୟରେ ହିଁ ନୁହେଁ, ବରଂ ସମସ୍ତଙ୍କର ହିତ ଚିନ୍ତା କରିଥାଏ, ବିଚାରି ଥାଏ ଓ ତଦନୁରୂପ କର୍ମ କରିଥାଏ, ସେ ଧରିତ୍ରୀରେ ଦେବତା ହୋଇ ବିଚରଣ କରିଥାଏ । ସେ ସ୍ୱୟଂ ସୁଖୀ ରହିଥାଏ ଓ ଅନ୍ୟମାନଙ୍କୁ ମଧ୍ୟ ସୁଖ ପ୍ରଦାନ କରିଥାଏ ।

ତା' ଜୀବନର ଅପୂର୍ଣ୍ଣତା ସମାପ୍ତ ହୋଇଯାଏ ଓ ସେ କମଳ ସଦୃଶ ଫୁଟି ଉଠେ, ଯାହାର ସୁଗନ୍ଧରେ ତା'ର ଜୀବନ ସୁଗନ୍ଧିତ ହୋଇଯାଏ । ସେ କଠିନରୁ କଠିନ ପରିସ୍ଥିତିରେ ମଧ୍ୟ ସତ୍ୟତା, ସଚ୍ଚୋଟତା, କର୍ତ୍ତବ୍ୟପରାୟଣତା ଓ ସାହସିକତାରୁ ବିଚଳିତ ହୁଏ ନାହିଁ ଏବଂ ସର୍ବଦା ନିଜର କର୍ତ୍ତବ୍ୟ ପଥରେ ଅଟଳ ରହିଥାଏ ।

ସେ ମାନିଥାଏ ଯେ ସତ୍ୟ ହଇରାଣ ହୋଇପାରେ, କିନ୍ତୁ ପରାସ୍ତ ନୁହେଁ । ଶେଷରେ ସତ୍ୟର ହିଁ ଜୟ ହୁଏ ସର୍ବଦା ସତ୍ୟ ମାର୍ଗରେ ହିଁ ଚାଲିବା ଉଚିତ । ଏସବୁ ସେତେବେଳେ ସମ୍ଭବ ହୋଇପାରେ, ଯେତେବେଳେ ସେ ଆତ୍ମକେନ୍ଦ୍ରିତ ହୋଇଯାଏ, ଆଧାତ୍ମିକ ହୋଇଯାଏ, ତା'ର ଆନ୍ତରିକ ରୂପାନ୍ତରଣ ହୋଇଯାଏ ।

ଦିବ୍ୟ ଜୀବନରେ ଶ୍ରୀଅରବିନ୍ଦ ମଧ୍ୟ ଲେଖିଛନ୍ତି – ଶରୀର, ମନ ଓ ପ୍ରାଣର ବିକାଶ ଆବଶ୍ୟକ, କିନ୍ତୁ ଏହା ସଂପୂର୍ଣ୍ଣ ନୁହେଁ । ବୁଦ୍ଧି ମନୁଷ୍ୟର ବିଶେଷତା ନୁହେଁ, ଏହା ଅନ୍ୟ ପ୍ରାଣୀଙ୍କର ବି ଥାଏ । ମନୁଷ୍ୟ ମଧ୍ୟରେ ପ୍ରଜ୍ଞା ରହିବା ଉଚିତ । ମୋର ବୁଦ୍ଧିକୁ ବାସୁଦେବ ଚଳାଇବେ କି ବାସନା ଚଳାଇବ, ଏହି ନିର୍ଣ୍ଣୟ ସ୍ୱୟଂକୁ ନେବାକୁ ପଡ଼େ । ଆତ୍ମଦୃଷ୍ଟିରୁ ହିଁ ଚେତନାର ଯାତ୍ରା ଅନ୍ନମୟ କୋଷରୁ ଆନନ୍ଦମୟ କୋଷ ଦିଗରେ ଅଗ୍ରସର ହୋଇଥାଏ ଏବଂ ଚେତନା ତାହାର ଶିଖରରେ ପହଞ୍ଚି ଥାଏ, ଯାହାକୁ ଅତିମାନସ କହନ୍ତି ।

ଆଧାତ୍ମିକ ଜୀବନ ବ୍ୟାବହାରିକ ଜୀବନର ମୂଳମୂଳ କାଟିଦେଲେ ଜୀବନ ମୃତସ୍ୱରୂପ ହୋଇଯାଏ । ଆତ୍ମସ୍ୱରୂପ, ଆନ୍ତରିକ ସ୍ୱରୂପ, ଆତ୍ମବୋଧ ଆବଶ୍ୟକ । କେବଳ ଶରୀର ଆଧାରିତ ମନୁଷ୍ୟ ସନ୍ତୁଷ୍ଟ ଓ ସମୃଦ୍ଧ ହୋଇ ନପାରେ । ମନ ଦ୍ୱାରା, ବୁଦ୍ଧି ଦ୍ୱାରା ଆତ୍ମା ଦିଗରେ ଯିବାକୁ ହେବ । ବ୍ୟକ୍ତିଗତ ଚେତନାକୁ ଦିବ୍ୟ ଚେତନା ସହିତ ସମାହିତ ହେବାକୁ ପଡ଼ିବ ।

ନିଜ ଜୀବନକୁ ତୀବ୍ରତମ ଆଧାତ୍ମିକ ଅଭୀପ୍ସା, ଉଚ୍ଚତର ସଂକଳ୍ପ ଓ ସାଧନାର ଦିଶାରେ ମୋଡ଼ି ମନୁଷ୍ୟ ଦେବପୁରୁଷ ହୋଇପାରେ । ମାନବ ଏବେ ବି ପୃଥିବୀ ଉପରେ ଈଶ୍ୱରଙ୍କର ସବୁଠାରୁ ଉର୍ବର ବୀଜ । କୌଣସି ମହାପୁରୁଷ ମଧ କହିଛନ୍ତି ଯେ ମହମବତି ଯେପରି ନିଆଁ ବିନା ଜଳି ପାରିବ ନାହିଁ, ସେହିପରି ମନୁଷ୍ୟ ମଧ ଆଧାତ୍ମିକ ଜୀବନ ବିନା ବଞ୍ଚି ପାରିବ ନାହିଁ ।

ଧର୍ମ ଓ ଅଧ୍ୟାତ୍ମ – ଭୌତିକ ଜୀବନ ଏବଂ ଆଧାତ୍ମିକ ଜୀବନ ଉଭୟ ପାଇଁ ପରମ ଆବଶ୍ୟକ । ଧର୍ମ-ଅଧ୍ୟାତ୍ମ ହିଁ ଭୌତିକ ଓ ଆଧାତ୍ମିକ ଜୀବନକୁ ବିବିଧ ରଙ୍ଗରେ ଭରି ରସ ଠାରୁ ବଳି ତୃପ୍ତ କରିଥାଏ, ପୂର୍ଣ୍ଣ କରିଥାଏ । ଏଣୁ ଆଧାତ୍ମିକ ହେବାର ଅର୍ଥ ହେଉଛି- ସତ୍ୟ, ପ୍ରେମ, କରୁଣା, ସଂବେଦନା ଆଦି ଦିବ୍ୟ ଭାବଗୁଡ଼ିକରେ ଭରି ରହିବା ।

ଯିଏ ଏହି ଦିବ୍ୟ ଭାବଗୁଡ଼ିକରେ ଭରି ରହିଥାଏ, ସେ ପ୍ରକୃତ ଅର୍ଥରେ ଆଧାତ୍ମିକ । ସେ ପ୍ରକୃତ ଅର୍ଥରେ ପୂର୍ଣ୍ଣ, କିନ୍ତୁ ସତ୍ୟ, ପ୍ରେମ, କରୁଣା, ସଂବେଦନା, ଆନନ୍ଦ ଆଦି ଭାବରେ ଆମେ ସେତେବେଳେ ପୂର୍ଣ୍ଣ ହୋଇ ପାରିବା, ଯେତେବେଳେ ଏହି ଦିବ୍ୟ ଭାବଗୁଡ଼ିକର ଶାଶ୍ୱତ ସ୍ରୋତ ପରି ବ୍ରହ୍ମ ପରମାତ୍ମାଙ୍କ ସହିତ ଯୋଡ଼ିହେବା ।

ଯେପରି ହିମାଳୟ ସହିତ ଯୋଡ଼ି ହୋଇଥିବା ନଦୀଗୁଡ଼ିକରେ ହିମାଚ୍ଛାଦିତ ହିମାଳୟର ଶୀତଳ ଜଳ ସର୍ବଦା ପ୍ରବାହିତ ହୋଇଥାଏ, ସେହିପରି ଯେତେବେଳେ ମନୁଷ୍ୟ ନିଜର ଆତ୍ମା ଦ୍ୱାରା ହିଁ ଆତ୍ମାରେ ବିରାଜିତ ପରମାତ୍ମାଙ୍କର ସତତ ଧ୍ୟାନ, ସ୍ମରଣ, ପୂଜନ କରିଥାଏ, ସେତେବେଳେ ସତ୍-ଚିତ୍-ଆନନ୍ଦ ସ୍ୱରୂପ ପରମାତ୍ମା ସତ୍ୟ, ପ୍ରେମ, କରୁଣା, ସଂବେଦନା ଓ ଆନନ୍ଦ ରୂପରେ ସାଧକର ଆତ୍ମାରେ ଉଲ୍ଲସିତ, ଉଦ୍‌ବେଳିତ ହୁଅନ୍ତି, ଯାହାର ଅନୁଭୂତି ସାଧକକୁ ପ୍ରତିକ୍ଷଣ ହୋଇଥାଏ ।

ସେପରି ସ୍ଥିତିରେ ସେ ଦେହ ଥାଇ ମଧ ଦେହାସକ୍ତିରୁ ମୁକ୍ତ ହୋଇଥାଏ । ସେ ସର୍ବଦା ନିଜ ଆତ୍ମାରେ ପରମାତ୍ମାଙ୍କ ଅନୁଭୂତି ପାଇଥାଏ । ସେ ନିଜର ସମସ୍ତ ସାଂସାରିକ କାର୍ଯ୍ୟକୁ ପରମାତ୍ମାଙ୍କର ହିଁ କାର୍ଯ୍ୟ ମାନି ପୂଜା ଭାବରେ କରିଚାଲେ । ସେ କର୍ମ କରି ସ୍ୱୟଂକୁ ଅକର୍ତ୍ତା ଓ ପରମାତ୍ମାଙ୍କୁ କର୍ତ୍ତା ମାନିଥାଏ । ସେ ନିଜର ସମସ୍ତ କର୍ମକୁ, ତାହାର ଫଳଗୁଡ଼ିକୁ ପରମାତ୍ମାଙ୍କୁ ଅର୍ପଣ କରିଚାଲେ ।

ଫଳସ୍ୱରୂପ ସେ ହାନି-ଲାଭ, ମାନ-ଅପମାନ, ହର୍ଷ-ବିଷାଦ ଆଦି ଦ୍ୱନ୍ଦ୍ୱଗୁଡ଼ିକରୁ ମୁକ୍ତ ହୋଇ ସଦାସର୍ବଦା ପାଇଁ ଆନନ୍ଦିତ ହୋଇଯାଏ । ସେ ଭୌତିକ ଭୋଗଗୁଡ଼ିକ ମଧ୍ୟରେ ରହି ମଧ ସେଗୁଡ଼ିକ ପ୍ରତି କୌଣସି ଆସକ୍ତି ରଖେ ନାହିଁ ଏବଂ ସଂସାରରେ ଠିକ୍ ସେହିପରି ରହିଥାଏ, ଯେପରି ଜଳ ମଧ୍ୟରେ କମଳ । ସେ ସର୍ବତ୍ର ସର୍ବବ୍ୟାପୀ, ସର୍ବଜ୍ଞ ଈଶ୍ୱରଙ୍କର ଅନୁଭୂତି କରିଥାଏ । ସେ ଏହି ବିରାଟ ବିଶ୍ୱବ୍ରହ୍ମାଣ୍ଡକୁ ପରମାତ୍ମାଙ୍କର ହିଁ ଅଭିବ୍ୟକ୍ତି ମାନିଥାଏ ।

ଆଧାତ୍ମିକ ହେବାର ଅର୍ଥ ଆତ୍ମଦୃଷ୍ଟି ଖୋଲିଯିବା । ଆତ୍ମଦୃଷ୍ଟି ପାଇବା ମାତ୍ରେ ସର୍ବବ୍ୟାପୀ ପରମାତ୍ମା ସର୍ବତ୍ର ବ୍ୟାପ୍ତ ବୋଲି ତାକୁ ବୋଧ ହୋଇଥାଏ । ସର୍ବଜ୍ଞ ପରମାତ୍ମାଙ୍କୁ ଆମେ କିଛି ବି ଲୁଚାଇ ପାରିବା ନାହିଁ ପରମାତ୍ମା ଆମର ଭଲ-ମନ୍ଦ ସବୁ କର୍ମକୁ ଦେଖୁଛନ୍ତି ସେହି ସାଧକ ମାନିଥାଏ ଯେ ଆଜି ଆମେ ସୁଖ-ଦୁଃଖ ଯେପରି ସ୍ଥିତିରେ ଅଛେ, ସେଥିପାଇଁ ଅନ୍ୟ କେହି ନୁହେଁ, ବରଂ ଆମେ ହିଁ କେବଳ ଦାୟୀ । ଆମେ ଯେପରି କର୍ମ କରିବା, ସେପରି ଫଳ ଅବଶ୍ୟ ଆମକୁ ପ୍ରାପ୍ତ ହେବ । ଅନ୍ୟମାନଙ୍କର ସେବା-ସହାୟତା ପାଇଁ ସେ ସର୍ବଦା ଆକୁଳ-ବ୍ୟାକୁଳ ରହିଥାଏ ।

ବାସ୍ତବରେ ଏହା ଆଧାତ୍ମିକ ହେବାର ଲକ୍ଷଣ । ଏହା ଅଧ୍ୟାତ୍ମ, ଏହା ହିଁ ଆଧାତ୍ମିକ ଜ୍ଞାନ । ଗୀତାକାର ଗୀତା ୧୩/ ୧୧ରେ କହିଛନ୍ତି-

ଅ ଧ୍ୟା ତ୍ମ ଜ୍ଞା ନ ନି ତ୍ୟ ବଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।

ଏତତ୍‌ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା । ।

ଅର୍ଥାତ୍ ଅଧ୍ୟାତ୍ମ ଜ୍ଞାନରେ ନିତ୍ୟ ସ୍ଥିତି ଓ ତତ୍ତ୍ୱଜ୍ଞାନର ଅର୍ଥରୂପ ପରମାତ୍ମାଙ୍କୁ ହିଁ ଦେଖିବା– ଏସବୁ ଜ୍ଞାନ ଏବଂ ଯାହା ଏହାର ବିପରୀତ, ତାହା ଅଜ୍ଞାନ - ଏପରି କୁହାଯାଇଛି । ଯେଉଁ ଜ୍ଞାନ ଦ୍ୱାରା ଆତ୍ମବସ୍ତୁ ଅନାତ୍ମବସ୍ତୁକୁ ଜାଣିହୁଏ, ସେହି ଜ୍ଞାନର ନାମ ହିଁ 'ଅଧ୍ୟାତ୍ମ ଜ୍ଞାନ ।

ଭଗବାନ ଶ୍ରୀକୃଷ୍ଣଙ୍କ ଠାରୁ ଏହି ଅଧ୍ୟାତ୍ମ ଜ୍ଞାନକୁ ପାଇ କିଂକର୍ତ୍ତବ୍ୟବିମୂଢ଼ ଅର୍ଜୁନ କର୍ତ୍ତବ୍ୟ କର୍ମ କରିବା ପାଇଁ ପ୍ରେରିତ ହୋଇଥିଲେ । ଅଧ୍ୟାତ୍ମ ଜ୍ଞାନର ପ୍ରାପ୍ତି ପୂର୍ବରୁ ଅର୍ଜୁନ ଗୀତାର ପ୍ରଥମ ଅଧ୍ୟାୟରେ ଅବସାଦ ଗ୍ରସ୍ତ, ବିଷାଦ ଗ୍ରସ୍ତ ଅଛନ୍ତି ଏବଂ ନିଜର କର୍ତ୍ତବ୍ୟ ପ୍ରତି ବିମୁଖ ହେବାର ପ୍ରସ୍ତୁତିରେ ଅଛନ୍ତି ।

ଏହି କାରଣରୁ ସେ କହିଛନ୍ତି- 'ହେ କୃଷ୍ଣ ! ଯୁଦ୍ଧ କ୍ଷେତ୍ରରେ ଦୃଢ଼ ଭାବରେ ଦଣ୍ଡାୟମାନ ଯୁଦ୍ଧର ଅଭିଳାଷୀ ନିଜର ସ୍ୱଜନ ସମୁଦାୟକୁ ଦେଖି ମୋର ଅଙ୍ଗ ଶିଥିଳ ହୋଇଯାଉଛି ଏବଂ ପାଟି ଶୁଖିଯାଉଛି ତଥା ମୋ ଶରୀରରେ କମ୍ପନ ଓ ରୋମାଞ୍ଚ ଖେଳିଯାଉଛି । ମୋ ହାତରୁ ଗାଣ୍ଡୀବ ଧନୁ ଖସିଯାଉଛି ଏବଂ ଚର୍ମ ଜଳିଯିବା ପରି ଲାଗୁଛି ତଥା ମୋର ମନ ଭ୍ରମିତ ପ୍ରାୟ ହେଉଛି, ସେଥିପାଇଁ ମୁଁ ଠିଆ ହୋଇ ରହିବାରେ ସମର୍ଥ ନୁହେଁ ।

ଅର୍ଜୁନଙ୍କ ଭ୍ରମ ଦୂର କରିବା ପାଇଁ ଭଗବାନ କୃଷ୍ଣ ତାଙ୍କୁ ଜ୍ଞାନ, କର୍ମ, ଭକ୍ତି, ବୈରାଗ୍ୟ ଆଦି ରୂପେ ଅଧ୍ୟାତ୍ମ ଜ୍ଞାନର ଉପଦେଶ ଦେଲେ ଓ ତାଙ୍କୁ ନିଜ ବିରାଟ ସ୍ୱରୂପର ଦର୍ଶନ କରାଇଲେ । ତା'ପରେ ଅର୍ଜୁନଙ୍କର ସମସ୍ତ ଭ୍ରମ ଦୂର ହୋଇଗଲା । ଗୀତାର ପ୍ରଥମ ଅଧ୍ୟାୟରେ ଅର୍ଜୁନ ବିଷାଦରେ ଅଛନ୍ତି, ତେଣୁ ଗୀତାର ପ୍ରଥମ ଅଧ୍ୟାୟ ଅର୍ଜୁନ ବିଷାଦଯୋଗ ନାମରେ ପରିଚିତ । ଗୀତାର ଅନ୍ତିମ ଅଷ୍ଟାଦଶ ଅଧ୍ୟାୟକୁ ମୋକ୍ଷ-ସନ୍ୟାସ ଯୋଗ କୁହାଯାଏ, କାରଣ ସେଠାରେ ଅର୍ଜୁନ ବିଷାଦରୁ ବାହାରି ମୋକ୍ଷ ଓ ଆନନ୍ଦର ସ୍ଥିତି ପ୍ରାପ୍ତ ହୋଇଛନ୍ତି ।

ଯେଉଁ ଅର୍ଜୁନ ଗୀତାର ପ୍ରଥମ ଅଧ୍ୟାୟରେ ବିଷାଦରେ ଅଛନ୍ତି, ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ସେ ଅଧ୍ୟାତ୍ମ ଜ୍ଞାନ ପ୍ରାପ୍ତ ହୋଇ କର୍ତ୍ତବ୍ୟ କର୍ମ କରିବା ପାଇଁ ତତ୍ପର ହୋଇଛନ୍ତି ଏବଂ ବିଷାଦରୁ ବାହାରି ମୋକ୍ଷ, ମୁକ୍ତି ଓ ଆନନ୍ଦ ଦିଗରେ ଅଗ୍ରସର ହୋଇଛନ୍ତି । ଏଣୁ ଅଧ୍ୟାତ୍ମ ହେଉଛି ବିଷାଦରୁ ବାହାରି ମୋକ୍ଷ ଅର୍ଥାତ୍ ଆନନ୍ଦ ଦିଗରେ ଅଗ୍ରସର ହେବାର ଯାତ୍ରା । ଅଧ୍ୟାତ୍ମ କର୍ତ୍ତବ୍ୟରୁ ପଳାୟନ କରିବା ନୁହେଁ, ବରଂ କର୍ତ୍ତବ୍ୟ କର୍ମରେ ହିଁ ପ୍ରବୃତ୍ତ ହେବା ଏବଂ ଏହା ହିଁ ବାସ୍ତବିକ ଅଭିପ୍ରାୟ ।

ଆତ୍ମଦୃଷ୍ଟିର ବିକାଶର ନାମ ଅଧ୍ୟାତ୍ମ ଏବଂ ଯେବେ ଅଧ୍ୟାତ୍ମ ଦ୍ୱାରା ସାଧକର ଆତ୍ମଦୃଷ୍ଟି ଖୋଲିଥାଏ ତ ସେହି ଦୃଷ୍ଟିରେ ଦେଖିଲେ ସଂସାରର ଦୃଶ୍ୟ ବିଲକୁଲ ବଦଳିଥିବା ପରି ଦେଖାଯାଏ । ସଂସାରର ଦୃଶ୍ୟ ତ ଯଥାବତ୍ ଥାଏ, କିନ୍ତୁ ତାହାକୁ ଦେଖିବାର ଦୃଷ୍ଟିକୋଣ ବଦଳି ଯାଇଥାଏ, ଯଦ୍ୱାରା ସଂସାରରେ ଆମକୁ ସର୍ବତ୍ର ସୌନ୍ଦର୍ଯ୍ୟ ହିଁ ସୌନ୍ଦର୍ଯ୍ୟ, ଶୁଭ ହିଁ ଶୁଭ ଦେଖାଯାଏ, କାରଣ ଆତ୍ମଦୃଷ୍ଟି ଯୋଗୁଁ ମନରୁ ସମସ୍ତ ବିକାର ସମାପ୍ତ ହୋଇଯାଏ, ସମସ୍ତ ନକାରାତ୍ମକ ଜିନିଷ, ନିରାଶାଜନକ ବିଚାର ସମାପ୍ତ ହୋଇଯାଏ । ମନ ସ୍ୱଚ୍ଛ-ପାରଦର୍ଶୀ ହୋଇଯାଏ, ଯଦ୍ୱାରା ସାଧକ ମଧ୍ୟରେ ସାହସ, ଆଶା, ଉତ୍ସାହର ସଂଚାର ହୋଇଥାଏ ।

ଅଧ୍ୟାତ୍ମ ଏକ ଦୃଷ୍ଟି, ଏକ ଦୃଷ୍ଟିକୋଣ, ପ୍ରବୃତ୍ତି, ଏକ ପ୍ରକୃତି, ଯାହାକୁ ପାଇ ମନୁଷ୍ୟ ପୂର୍ଣ୍ଣ ମନୁଷ୍ୟ, ସଚ୍ଚା ମନୁଷ୍ୟ, ବଡ଼ ମନୁଷ୍ୟ ହୋଇପାରେ ଏବଂ ଜୀବନକୁ ଆନନ୍ଦରେ ଆପ୍ଲାବିତ କରିଦିଏ । ଆମକୁ ମଧ ସେହି ଅନ୍ତଦୃଷ୍ଟି, ଆତ୍ମଦୃଷ୍ଟି ବିକଶିତ କରିବାର ଆବଶ୍ୟକତା ରହିଛି, ଯଦ୍ୱାରା ଆମେ ବି ଆନନ୍ଦରେ ଆପ୍ଲାବିତ ହୋଇ ପାରିବା । ଧର୍ମ-ଅଧ୍ୟାତ୍ମର କଥା ବେକାର ନୁହେଁ, ବରଂ ବହୁମୂଲ୍ୟ ।

ଅଧ୍ୟାତ୍ମ ବିକଳ୍ପ ନୁହେଁ, ବରଂ ଜୀବନ ପାଇଁ ଅନିବାର୍ଯ୍ୟ ତତ୍ତ୍ୱ । ଏହା ଜୀବନର ଅନ୍ତିମ ପର୍ଯ୍ୟାୟରେ ଅଭ୍ୟାସ କରିବା ବା ପାଇବାର ବସ୍ତୁ ନୁହେଁ, ବରଂ ଏହା ତ ଜୀବନର ମୂଳ, ଯଦ୍ୱାରା ଜୀବନ ରୂପୀ ବୃକ୍ଷକୁ ଜୀବନ ରସ ମିଳିଥାଏ, ଫଳରେ ଜୀବନ ପୂର୍ଣ୍ଣ ରୂପେ ବିକଶିତ, ପୁଷ୍ପିତ-ପଲ୍ଲବିତ ହୋଇଥାଏ ଏବଂ ସୁଗନ୍ଧିତ ପୁଷ୍ପ ଓ ମଧୁର ଫଳରେ ଭରିଯାଏ । ଏଣୁ ଜୀବନର ଆରମ୍ଭରୁ ହିଁ ଆମେ ଅଧ୍ୟାତ୍ମ ସହିତ ଯୋଡ଼ିହେବା ଉଚିତ । ଆମେ ଆଧାତ୍ମିକ ହେବାର ଅଭ୍ୟାସ ଆରମ୍ଭ କରିଦେବା ଦରକାର ।

ଆଧାତ୍ମିକତାର ଭୌତିକତା ସହିତ କୌଣସି ବିରୋଧ ନାହିଁ, ବରଂ ଆଧାତ୍ମିକ ଦୃଷ୍ଟି ଥିବାରୁ ଆମେ ଭୌତିକତାର ଆହୁରି ଅଧିକ ଆନନ୍ଦ ପାଇପାରୁ, ସୁଖ ପ୍ରାପ୍ତ କରିପାରୁ । ଆଧାତ୍ମିକ ଦୃଷ୍ଟି ନ ରହିବା ଦ୍ୱାରା ଏକାକୀ ଭୌତିକତା ଦୁଃଖଦାୟୀ ହୋଇଥାଏ । କାରଣ ଆଧାତ୍ମିକ ଦୃଷ୍ଟି ନ ରହିଲେ ଭୌତିକତା ମନୁଷ୍ୟ ମଧ୍ୟରେ ମଦ, ଅହଂକାର ଓ ଲୋଭ ଉତ୍ପନ୍ନ କରିଥାଏ, ଯେଉଁ କାରଣରୁ ବ୍ୟକ୍ତି ବିନାଶକୁ ପ୍ରାପ୍ତ ହୋଇଥାଏ ।

ରାବଣ, କଂସ, ଦୁର୍ଯ୍ୟୋଧନଙ୍କ ପାଖରେ ଅକୁତ ଭୌତିକ ସମ୍ପଦ ଥିଲା, କିନ୍ତୁ ଆଧାତ୍ମିକ ଦୃଷ୍ଟି ନ ରହିବା କାରଣରୁ ସେମାନଙ୍କ ଭିତରେ ଭୌତିକତାର, ଭୌତିକ ସମ୍ପଦର ମଦ, ଅହଂକାର, ଲୋଭ ଆସିଗଲା, ଯେଉଁ କାରଣରୁ ସେମାନେ ଅମାନବୀୟ ଆଚରଣ କଲେ ଓ ଶେଷରେ ବିନାଶ ପ୍ରାପ୍ତ ହେଲେ । ରାଜା ଜନକ ମିଥିଳାର ରାଜା ଥିଲେ, ତାଙ୍କ ପାଖରେ ମଧ ଅଭୁତ ଭୌତିକ ସମ୍ପଦ ଥିଲା, କିନ୍ତୁ ତାଙ୍କ ଠାରେ ସାମାନ୍ୟ ମାତ୍ର ମଦ, ଅହଂକାର, ଲୋଭ ନ ଥିଲା ।

କାହିଁକି ? କାରଣ ତାଙ୍କ ପାଖରେ ଆଧାତ୍ମିକ ଜ୍ଞାନ, ଆଧାତ୍ମିକ ଦୃଷ୍ଟି ଥିଲା, ସେଥିପାଇଁ ଅଭୁତ ସମ୍ପଦର ସ୍ୱାମୀ ହୋଇ ମଧ ସେଥିପ୍ରତି ସେ ଆସକ୍ତ ନ ହୋଇ ଅନାସକ୍ତ ଥିଲେ, ରାଗ ନୁହେଁ, ବରଂ ବୈରାଗ୍ୟରେ ପୂରି ରହିଥିଲେ । ଫଳସ୍ୱରୂପ ତାଙ୍କ ଭୌତିକ ସମ୍ପଦ ତାଙ୍କ ସହିତ ଅନ୍ୟମାନଙ୍କ ପାଇଁ ମଧ କଲ୍ୟାଣକାରୀ ହେଲା ଏବଂ ସେ ଭଗବତ୍ ପ୍ରାପ୍ତିର ଅଧିକାରୀ ହେଲେ ।

ଭୌତିକ ସମ୍ପଦର ସ୍ୱାମୀ ହୋଇ ମଧ ରାଜା ଦଶରଥ ଆତ୍ମଜ୍ଞାନୀ, ଆତ୍ମଦୃଷ୍ଟି, ଆଧାତ୍ମିକ ଦୃଷ୍ଟିରେ ସମ୍ପନ୍ନ ଥିଲେ, ସେଥିପାଇଁ ତାଙ୍କ ଘରେ ଭଗବାନ ଅବତାର ନେଲେ । ଏଣୁ କେବଳ ଭଗବତ୍ ପ୍ରାପ୍ତି ହିଁ ନୁହେଁ, ବରଂ ଭୌତିକ ସୁଖ ପ୍ରାପ୍ତି ପାଇଁ ମଧ ଆଧାତ୍ମିକତା ଅନିବାର୍ଯ୍ୟ । ଆଧାତ୍ମିକ ଦୃଷ୍ଟି ଦ୍ୱାରା ହିଁ ଆମେ ଆମର ସମସ୍ତ କର୍ତ୍ତବ୍ୟ କର୍ମକୁ ସଚ୍ଚୋଟତା ପୂର୍ବକ କରିଥାଉ ଏବଂ ସୁଖ ଓ ସମ୍ମାନ ଲାଭ କରିଥାଉ । ରାବଣ ଓ ବିଭୀଷଣ ଦୁହେଁ ଲଙ୍କା ଭଳି ସମ୍ପନ୍ନ ନଗରୀରେ ରହୁଥିଲେ, କିନ୍ତୁ ଭୌତିକବାଦୀ ଦୃଷ୍ଟି କାରଣରୁ ରାବଣର ବିନାଶ ହେଲା, ଅଥଚ ଆଧାତ୍ମିକ ଦୃଷ୍ଟି, ଆତ୍ମଦୃଷ୍ଟି ଥିବା କାରଣରୁ ବିଭୀଷଣ ଅମର ହୋଇଗଲେ, ତାଙ୍କୁ ଭଗବଦ୍ ପ୍ରାପ୍ତି ହେଲା ।

ଜୀବନରେ ଅନୁକୂଳତା ଓ ପ୍ରତିକୂଳତା, ସୁଖ- ଦୁଃଖ ତ ଆସିଥାଏ, କିନ୍ତୁ ଅଜ୍ଞାନଜନ, ଭୌତିକବାଦୀ ଦୃଷ୍ଟି ସମ୍ପନ୍ନ ଲୋକେ ବିଷମ ପରିସ୍ଥିତି ଗୁଡ଼ିକରେ ବିଚଳିତ ହୋଇ ସନ୍ତୁଳନ ହରାଇ ଦିଅନ୍ତି । ସେମାନେ ନିଜେ ମରିବା କିମ୍ବା ଅନ୍ୟମାନଙ୍କୁ ମାରିବା ପାଇଁ, ଅନୈତିକ କାର୍ଯ୍ୟ କରିବା ପାଇଁ ବ୍ୟଗ୍ର ହୋଇଯାନ୍ତି । ଅଥଚ ଆଧାତ୍ମିକ ଦୃଷ୍ଟିସମ୍ପନ୍ନ ବ୍ୟକ୍ତି ବିଷମ ପରିସ୍ଥିତିରେ ମଧ ଧୈର୍ଯ୍ୟ ଓ ସନ୍ତୁଳନ ବଜାୟ ରଖନ୍ତି ଏବଂ ସତ୍ୟତା, ସଚ୍ଚୋଟତା ପରିତ୍ୟାଗ କରନ୍ତି ନାହିଁ । ସେଥିପାଇଁ ଶେଷରେ ସେମାନେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଓ ସୁଖ ଲାଭ କରନ୍ତି । ଏଥିରୁ ଜଣାପଡୁଛି ଯେ ଧର୍ମ-ଅଧ୍ୟାତ୍ମ ଆମ ଜୀବନ ପାଇଁ ବିକଳ୍ପ ନୁହେଁ, ବରଂ ଅନିବାର୍ଯ୍ୟ ଆବଶ୍ୟକତା, ତେଣୁ ସମସ୍ତେ ଏହାର ଅନୁପାଳନ କରିବା ଉଚିତ ।

## ଆଜିର ଚିନ୍ତନ

ଗୋଟିଏ ଗାଁରେ ଜଣେ କାଠୁରିଆ ରହୁଥିଲା । ଜଙ୍ଗଲରୁ କାଠ କାଟି ଯେଉଁ ଧନ ମିଳେ, ସେଥିରେ ସନ୍ତୁଷ୍ଟ ରହୁଥିଲା । ଦିନେ ସେ ନଦୀ କୂଳରେ ଗଛ କାଟୁଥିଲା ଏବଂ ତା'ର କୁରାଢ଼ିଟି ପାଣିରେ ପଡ଼ିଗଲା । ପାଣି ଗଭୀର ଥିଲା ଏବଂ କାଠୁରିଆ କିପରି ପାଣିରୁ କୁରାଢ଼ିକୁ ବାହାର କରିବ ଚିନ୍ତା କରୁଥିଲା । ଏତିକି ବେଳେ ଜଣେ ଦେବତା ପ୍ରକଟ ହେଲେ । ସେ ମନ୍ତ୍ର ବିଦ୍ୟା ଦ୍ୱାରା ପାଣିରୁ କୁରାଢ଼ିଟି ବାହାରକୁ ବାହାର କଲେ, କିନ୍ତୁ ସେହି କୁରାଢ଼ିଟି ରୁପାର ଥିଲା, ତାକୁ ଦେଖି କାଠୁରିଆ କହିଲା– 'ଦେବ ! କ୍ଷମା କରନ୍ତୁ । ଏହି କୁରାଢ଼ିଟି ମୋର ନୁହେଁ ।'

ଦେବତା ଦ୍ୱିତୀୟ ଥର ସୁନାର କୁରାଢ଼ି ବାହାର କରି ଦେଖାଇବାରୁ କାଠୁରିଆ କହିଲା– 'ଏଇଟା ମୋର ନୁହେଁ'' – ଏହା କହି ସେହି କୁରାଢ଼ିକୁ ନେବା ପାଇଁ ମନା କରିଦେଲା । ଶେଷରେ ଦେବତା ତା'ର କୁରାଢ଼ିଟି ବାହାର କଲେ ଏବଂ ସୁନା-ରୁପାର କୁରାଢ଼ିକୁ ମଧ ତାକୁ ଦେଇ କହିଲେ– 'ପୁତ୍ର ! ମୁଁ ତୁମର ସଚ୍ଚୋଟତା ଉପରେ ପ୍ରସନ୍ନ ହୋଇଛି । ତୁମେ ଏହି ତିନିଟି କୁରାଢ଼ି ରଖ ଏବଂ ସୁଖରେ ଜୀବନଯାପନ କର । ଗାଁକୁ ଫେରି କାଠୁରିଆ ସାରା ଘଟଣା କ୍ରମ ନିଜର ମିତ୍ରକୁ ଶୁଣାଇଲା । ତା'ର ମିତ୍ର ବେଇମାନିର ଭାବନା ରଖୁଥିଲା । ଆଗାମୀ ଦିନ ସେ ମଧ ଗଛ କାଟିବାକୁ ସେହି ସ୍ଥାନକୁ ଗଲା ଏବଂ ଜାଣିଶୁଣି ନିଜର କୁରାଢ଼ିକୁ ପାଣିରେ ପକାଇ ଦେଲା । ଦେବତା ପ୍ରକଟ ହେଲେ ଏବଂ ପ୍ରଥମେ ରୁପା ତଥା ପୁଣି ସୁନାର କୁରାଢ଼ି ତାକୁ ଦେଖାଇଲେ । ସୁନାର କୁରାଢ଼ିଟି ଦେଖିବା କ୍ଷଣି ସେହି ବ୍ୟକ୍ତି କହିଲା– ''ଏଇଟା ମୋର କୁରାଢ଼ି । ଦେବତା ଏହା ଶୁଣିବା ମାତ୍ରେ ଅଦୃଶ୍ୟ ହୋଇଗଲେ ଏବଂ ଏକ ଆକାଶବାଣୀ ହେଲା– 'ମୂର୍ଖ, ଅସତ୍ୟ କହି ତୁ ଦେବଶକ୍ତିମାନଙ୍କୁ କୋପିତ କଲୁ । ଏବେ ତୋ'ର ଲୁହାର କୁରାଢ଼ି ମଧ ଜଳମଗ୍ନ ହୋଇ ରହିବ ।'' ସେହି ବ୍ୟକ୍ତି ନିଜର ଏକମାତ୍ର ସମ୍ପତ୍ତି ହରାଇ ଘରକୁ ଫେରିଲା । ଦେବତା ତ ଦେଇ ଥାଆନ୍ତି, କିନ୍ତୁ ତାଙ୍କର ଅନୁଦାନ ସତ୍‌ପାତ୍ରମାନଙ୍କୁ ମିଳିଥାଏ, ମିଥ୍ୟାକାରୀମାନେ କେବଳ ପଶ୍ଚାତ୍ତାପ ହିଁ କରନ୍ତି ।


ସ୍ୱୀକାର
ବର୍ଷ ୨୭, ସଂଖ୍ୟା- ୪୬, ୧୨ - ୧୮ ନଭେମ୍ବର ୨୦୨୩

# ଦେଖିଶୁଣି ନିର୍ଣ୍ଣୟ କରନ୍ତୁ

ମଣିଷ ସମାଜରେ ଶୃଙ୍ଖଳିତ ଭାବେ ବଞ୍ଚିବାର କୌଶଳ ଯେତେବେଳେ ସ୍ୱୀକାର କରିଥାଏ, ସେତେବେଳେ ତାହାକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ଜୀବନର ଗତିପଥକୁ ନିର୍ଣ୍ଣୟର ନୈତିକ ଦାୟିତ୍ୱ ଉପରେ ନିହିତ କରିଥାଏ । ନିର୍ଣ୍ଣୟ କେତେବେଳେ ଓ କେଉଁ ପରିପ୍ରେକ୍ଷୀରେ ବ୍ୟକ୍ତି ଉଦ୍ଦିଷ୍ଟ କରିଥାଏ ତାହା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଜୀବନଶୈଳୀ ତଥା ବିଚାର ବ୍ୟବସ୍ଥାର ପରିପକ୍ୱତା ଉପରେ ନିର୍ଭର କରେ । ଜଣେ ବ୍ୟକ୍ତି ଯେତେବେଳେ କୌଣସି ନିର୍ଣ୍ଣୟ ପାରିବାରିକ, ସାମାଜିକ, ବ୍ୟକ୍ତିଗତ, ସାମୂହିକ, ଆନୁଷ୍ଠାନିକ, ସରକାରୀ ବା ବେସରକାରୀ କ୍ଷେତ୍ରରେ ନେଇଥାଏ, ସେତେବେଳେ ତା'ନିକଟରେ ଥିବା ନୀତି ଓ ନୈତିକ ମୂଲ୍ୟବୋଧର ଦାୟିତ୍ୱକୁ ଉପଯୋଗ କରିବା ଏକାନ୍ତ ବାଞ୍ଛନୀୟ । କାରଣ ନିର୍ଣ୍ଣୟର କାର୍ଯ୍ୟକାରିତା ଓ ପ୍ରୟୋଗ ଯେତେବେଳେ ହୋଇଯାଏ ସେଥପାଇଁ ନିର୍ଣ୍ଣୟକର୍ତ୍ତା ମଧ ଉତ୍ତରଦାୟୀ ରହିବା ଉଚିତ । କୌଣସି ପ୍ରସଙ୍ଗରେ ଯେତେବେଳେ ବ୍ୟକ୍ତି ନିର୍ଣ୍ଣୟ ନିଏ ସେତେବେଳେ ବ୍ୟକ୍ତି ଏହାକୁ ଏକ ନୈତିକ ଦାୟିତ୍ୱର ସୁପରିଚାଳନା ବୋଲି ହୃଦୟଙ୍ଗମ କରିବା ଉଚିତ ।

ନୀତି ଓ ଦାୟିତ୍ୱ ସଦାବେଳେ ମଣିଷକୁ ଉଚିତ ମାର୍ଗରେ ଧାବମାନ କରାଇଥାଏ । ପରିବାରରେ ଯେତେବେଳେ ବରିଷ୍ଠମାନେ କୌଣସି ବିଷୟ ଉପରେ ନିର୍ଣ୍ଣୟ ନେଇଥା'ନ୍ତି, ତାହା ଥାଏ ସୀମିତ ଉଦ୍ଦେଶ୍ୟ ସହ ଜଡ଼ିତ ଓ ସେଥିରେ ପରିବାରର ସଦସ୍ୟମାନଙ୍କର ସ୍ଥିତି ନିହିତ ଥାଏ । ତାହା ମଧ ନୈତିକତାର ବିଚାରଧାରା ମଧରେ ହେବା ଉଚିତ । ସେହିଭଳି ସାମାଜିକ କ୍ଷେତ୍ରରେ ବା ଆନୁଷ୍ଠାନିକ କ୍ଷେତ୍ର ବା ସରକାରୀ କ୍ଷେତ୍ରରେ ଯେଉଁ ନିର୍ଣ୍ଣୟ ନିଆଯାଏ, ତାହା କୌଣସି ଗୋଷ୍ଠୀ ବା ସୀମିତ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ସୀମିତ ଉଦ୍ଦେଶ୍ୟର ନିଷ୍ପତ୍ତି ମଣିଷର ନୈତିକ ସ୍ଖଳନ ହୋଇ ସମଗ୍ର ସାମାଜିକ ସ୍ଥିତିକୁ ଧୀରେ ଧୀରେ ଦୁର୍ବଳ କରିଥାଏ, କାରଣ ତାହା ଥାଏ ସାମୂହିକ ସ୍ୱାର୍ଥର ସଙ୍କୋଚନ । ନିର୍ଣ୍ଣୟ ନେବା ଏକ ଅତ୍ୟାବଶ୍ୟକ ଦକ୍ଷତା, ଯାହା ବ୍ୟକ୍ତିଗତ ଜୀବନରେ ଆବଶ୍ୟକ । ନିର୍ଣ୍ଣୟ ନେବାର କ୍ଷମତା ହେଉଛି ଏକ ଦକ୍ଷତା, ଯାହା ପ୍ରାୟତଃ ଅଭିଜ୍ଞତା ମାଧମରେ ଶିଖାଯାଏ ଓ ବିବେକର ସୁ-ପ୍ରୟୋଗ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଦାୟିତ୍ୱକୁ ଗ୍ରହଣ କରିବାରେ ଯେତିକି ସାମର୍ଥ୍ୟ ଆବଶ୍ୟକ ହୋଇଥାଏ, ତାହାଠୁ ଅଧିକ ସାମର୍ଥ୍ୟ ଆବଶ୍ୟକ ହୋଇଥାଏ ତାହାକୁ ନିଷ୍ଠାର ସହ ପାଳନ କରିବା । ବ୍ୟକ୍ତି ଜାଣିବାକୁ ଚାହିଁବା ଉଚିତ ଯେ ଏକ ନିର୍ଣ୍ଣୟର କାହିଁକି ଆବଶ୍ୟକ, ଏହାଦ୍ୱାରା ଅନ୍ୟର ଜୀବନରେ କ'ଣ ପରିବର୍ତ୍ତନ ହେବ ଓ ନିର୍ଣ୍ଣୟ ବିଷୟରେ ବ୍ୟକ୍ତି ପାଇଁ ବା ସମାଜ ଲାଗି କ'ଣ ଗୁରୁତ୍ୱପୂର୍ଣ୍ଣ ନିହିତ ରହିଥାଏ । ଅତଏବ୍ ତର୍ଜମା ଓ ଅନୁସନ୍ଧାନ ତଥା ଅନୁଶୀଳନ ହେଉଛି ନୈତିକ ଦାୟିତ୍ୱର ମାନଦଣ୍ଡ । ଉକ୍ତ କାରଣଗୁଡ଼ିକର ସମୀକ୍ଷା କରିବା ପରେ ବ୍ୟକ୍ତି କିଛି ବିକଳ୍ପ ସହିତ ନିର୍ଣ୍ଣୟ ନେବା ଉଚିତ, ଯେଉଁଥିରେ ବ୍ୟକ୍ତିର ଉଦ୍ଦେଶ୍ୟ ନିହିତ ରହିଥାଏ ଯେ ବ୍ୟକ୍ତି କେଉଁ ଉପାୟରେ ସମସ୍ୟାର ସମାଧାନ କରିବାକୁ ଚାହୁଁଛନ୍ତି ଓ ତାହାର ସକାରାତ୍ମକ ପ୍ରକ୍ରିୟା କେତେମାତ୍ରାରେ ବ୍ୟକ୍ତି ବା ସମାଜ ପାଇଁ ଉଦ୍ଦିଷ୍ଟ ହୋଇପାରିବ । ନିର୍ଣ୍ଣୟ ନେବାବେଳେ ବ୍ୟକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଏକ ଉତ୍ତମ ନିର୍ଣ୍ଣୟ ଓ ଖରାପ ନିର୍ଣ୍ଣୟ ମଧରେ ପାର୍ଥକ୍ୟକୁ ଜାଣିବା ଓ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତକୁ ଦୂରଦୃଷ୍ଟିରେ ପ୍ରକ୍ଷାଳନ କରିବା । ଏକ ଭଲ ନିର୍ଣ୍ଣୟ ଓ ଏକ ଖରାପ ନିର୍ଣ୍ଣୟ ମଧରେ ପ୍ରାଥମିକ ପାର୍ଥକ୍ୟ ହେଉଛି ଏହାର ପ୍ରଭାବ ବ୍ୟକ୍ତିର ଜୀବନରେ କେତେ ଓ କେଉଁ ମାତ୍ରାରେ ଉପଯୋଗ ହୋଇଥାଏ । ସେଦୃଷ୍ଟିରୁ ବିଚାରକଲେ ଏକ ଉତ୍ତମ ନିର୍ଣ୍ଣୟ ହେଉଛି ଯାହା ବ୍ୟକ୍ତିର ଜୀବନରେ ସକାରାତ୍ମକ ପ୍ରଭାବ ପକାଇଥାଏ, ଯେତେବେଳେ ଏକ ଖରାପ ନିଷ୍ପତ୍ତି ବ୍ୟକ୍ତିର ଜୀବନ ଉପରେ ନକାରାତ୍ମକ ପ୍ରଭାବ ମଧ ପକାଇଥାଏ । ମାତ୍ର ଉତ୍ତମ ନୈତିକ ଦାୟିତ୍ୱବୋଧ ନିଷ୍ପତ୍ତି ସାଧାରଣତଃ ଅଧିକ ସୁଯୋଗ ଆଣିଥାଏ ଓ ତାହା ସର୍ବଜନରେ ଆଦୃତ ମଧ ହୋଇଥାଏ । ତଥାପି, ଅନେକ କ୍ଷେତ୍ରରେ କେତେକ ପରିସ୍ଥିତିରେ ଯେତେବେଳେ ବ୍ୟକ୍ତି କୌଣସି ନ୍ୟୁନ ନିର୍ଣ୍ଣୟ ନିଅନ୍ତି, ଏହାର ପ୍ରତିକ୍ରିୟା ସଙ୍ଗେସଙ୍ଗେ ସମାଜର କୋଣ ଅନୁକୋଣରେ ବିଚ୍ଛୁରିତ ହୋଇଥାଏ, ସେତେବେଳେ ତାହା ସମାଲୋଚିତ ହୋଇ ନ୍ୟୁନତାର ତୁଷ୍ଟୀକରଣକୁ ଧାର ଦେଇଥାଏ । ମାତ୍ର ଉପଯୁକ୍ତ ନୈତିକ ଦାୟିତ୍ୱର ନିର୍ଣ୍ଣୟ ଦୀର୍ଘସ୍ଥାୟୀ ହୋଇ ସମାଜର ହିତ ସାଧନ କରିବାରେ ସହାୟକ ହୋଇଥାଏ । ଉତ୍ତମ ନିର୍ଣ୍ଣୟ ବିବେକର ଲକ୍ଷ୍ୟ ହାସଲ କରେ ଓ ଖରାପ ନିର୍ଣ୍ଣୟ ତୁଷ୍ଟୀକରଣ କରି ଏକ ଅବାଞ୍ଛିତ ଉପାୟରେ ବଳପୂର୍ବକ ପ୍ରୟୋଗ ହୋଇଥାଏ, ଯାହା ଥାଏ ଅପରିପକ୍ୱତାର ନିଦର୍ଶନ । ମଣିଷ ଜୀବନରେ ପରିଚାଳନାରେ ଥିବା ସମସ୍ତ ସମସ୍ୟା ମଧରୁ ନିର୍ଣ୍ଣୟ ନେବା ସମସ୍ୟା ହେଉଛି ସବୁଠାରୁ କଷ୍ଟସାଧ କାର୍ଯ୍ୟ, କାରଣ ସେଥିରେ ଥାଏ ଆର୍ଥିକ ବିଚାରଧାରା । ସାଧାରଣ ଜୀବନରେ ମଧ 'କରିବା ବା ନ କରିବା' ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ନିୟମ, ଯାହା ଜଣେ ବ୍ୟକ୍ତିର କାର୍ଯ୍ୟକୁ ତର୍ଜମା କରିଥାଏ । ଅନ୍ୟପକ୍ଷରେ ନିୟମ ନେବାରେ ମଧ ସମୟର ସଦୁପଯୋଗ ହେବା ନିତାନ୍ତ ଆବଶ୍ୟକ, କାରଣ ଉପଯୁକ୍ତ ସମୟରେ ଉପଯୁକ୍ତ ନିଷ୍ପତ୍ତି ନ ନେଲେ କାର୍ଯ୍ୟ ଫଳପ୍ରସୂ ହୋଇ ନ ଥାଏ ।

ଅତୀତର ପୁରାଣ, ଗ୍ରନ୍ଥ, ରାମାୟଣ, ମହାଭାରତରେ ଅନେକ ଦୃଷ୍ଟାନ୍ତ ଏ ମଣିଷ ସମାଜ ଜାଣିଛି ଓ ତଦନୁଯାୟୀ ନିର୍ଣ୍ଣୟ ନେବା ମଧ ଆବଶ୍ୟକ, ଯାହା ସମୟୋପଯୋଗୀ ହେବା ଉଚିତ । ସରକାରୀ, ବେସରକାରୀ କିମ୍ବା ସାର୍ବଜନୀନ ସଂଗଠନର ଅର୍ଥ ହେଉଛି ଚରମ ବିଶ୍ଳେଷଣରେ ଠିକ୍ ଓ ଦାୟିତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବା । ଜଣେ ଭଲ ନେତା ହେଉଛନ୍ତି ସିଏ, ଯିଏ ନିଷ୍ପତ୍ତି ନେଇପାରିବେ । କିଏ କ'ଣ କରିବ ବା ନ କରିବ ସମସ୍ୟାର ସମାଧାନ କରିପାରିବେ ଓ ନିର୍ଣ୍ଣୟର ନିଷ୍ପତ୍ତି ନେବା ପାଇଁ ଯିଏ ସ୍ୱେଚ୍ଛାକୃତ ଭାବେ ଦାୟିତ୍ୱ ଗ୍ରହଣ କରିପାରିବ । ବାସ୍ତବରେ ଦାୟିତ୍ୱ ହେଉଛି ଏକ ଭାର, ଯାହା ବର୍ତ୍ତମାନର ସମାଜରେ ଅନେକଙ୍କ ମଧରୁ ଅଧିକାଂଶ ଭଲଭାବେ ବହନ କରନ୍ତି ନାହିଁ ଓ ଅଧିକାଂଶ ଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି । କିନ୍ତୁ ନେତୃତ୍ୱର ଅର୍ଥ ହେଉଛି ନିର୍ଣ୍ଣୟ ନିଆଯିବା ଓ ଦାୟିତ୍ୱ ଗ୍ରହଣ କରାଯିବା ଆବଶ୍ୟକ ତାହା ପୁଣି ନୈତିକ ବିଚାରଧାରା ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ । ଜଣେ ବ୍ୟକ୍ତି ଠିକ୍ ନିର୍ଣ୍ଣୟ ନେବାକୁ ହେଲେ, ସେ ତାଙ୍କ ବ୍ୟକ୍ତିତ୍ୱର କିଛି ବୈଶିଷ୍ଟ୍ୟ ଧାରଣ କରିବା ଆବଶ୍ୟକ । ଭାବନା ସହିତ ଚିନ୍ତା କରିବା ପାଇଁ ବ୍ୟକ୍ତିଙ୍କୁ ନୈତିକ ଅନୁଶାସନକୁ ପାଥେୟ କରିବା ଆବଶ୍ୟକ । ନୈତିକ ଦାୟିତ୍ୱ ଯାହା ନିଜକୁ ଏକ ଅନୁଶାସିତ ବ୍ୟବସ୍ଥା ଭାବରେ ପରିପ୍ରକାଶ କରେ, ଏକ ନୈତିକ ବିଚାରର ସ୍ୱଭାବ ଓ ଏକ ଆତ୍ମସଚେତନ ନୈତିକ ଆଭିମୁଖ୍ୟ ସହିତ ନୈତିକ ଶକ୍ତି ତଥା ନୈତିକ ଭାବନା ଉପରେ କାର୍ଯ୍ୟ କରିବା, ନିଷ୍ପତ୍ତି ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସମ୍ପ୍ରତି ସମାଜରେ ସାମୂହିକ ନିର୍ଣ୍ଣୟକୁ ନିଷ୍ପତ୍ତିରେ ପରିଣତ କରିବା ପାଇଁ ଅନେକ କ୍ଷେତ୍ରରେ ଏକ ଚାପ ଗୋଷ୍ଠୀ ସକ୍ରିୟ ହେଉଅଛି, ଯାହା ନୈତିକ ନିର୍ଣ୍ଣୟ ନେବାରେ ବାଧକ ହୋଇଥାଏ ଓ ଦାୟିତ୍ୱର ସୁପ୍ରୟୋଗ ହୋଇପାରି ନ ଥାଏ । ନିର୍ଣ୍ଣୟର ନୈତିକ ଦାୟିତ୍ୱକୁ ଉପଯୁକ୍ତ ଭାବେ ପ୍ରୟୋଗ କଲେ ସମାଜରେ ଅସମାନତା ଓ ତୁଷ୍ଟୀକରଣ ବ୍ୟବସ୍ଥାର ବିଲୋପ ହୋଇପାରନ୍ତା ଓ ବିଶ୍ୱାସରୁ ଆତ୍ମବିଶ୍ୱାସର ସୃଷ୍ଟିହୋଇ- ସମାଜ, ଦେଶ ଓ ଜାତିର ସମୃଦ୍ଧି ହୋଇପାରନ୍ତା ।



# ବଳ ପ୍ରୟୋଗର ନିଷ୍ଫଳତା

## ମହାତ୍ମା ଗାନ୍ଧୀ

ମୁଁ ଅତ୍ୟନ୍ତ ଦୃଢ଼ତାର ସହିତ ବିଶ୍ୱାସ କରୁଛି ଯେ ପାଶବିକ ବଳର ପ୍ରୟୋଗ କରି କୌଣସି ଧର୍ମକୁ ରଖି ହେବନାହିଁ । ବରଂ ଏପରି ହୋଇଥାଏ ଯେ, ଯେଉଁମାନେ ତରବାରୀର ଆଶ୍ରୟ ନିଅନ୍ତି, ସେମାନେ ସେହି ତରବାରୀ ଦ୍ୱାରା ହିଁ ନଷ୍ଟ ହୋଇ ଯାଆନ୍ତି ।

ଜାତିଗୁଡ଼ିକ ପରି ଧର୍ମମାନେ ମଧ ବର୍ତ୍ତମାନ ଓଜନଦଣ୍ଡରେ ଓଜନ ହେବାରେ ଲାଗିଛନ୍ତି । ଯେଉଁ ଧର୍ମ ଓ ଯେଉଁ ଜାତି ଅନ୍ୟାୟ, ଅସତ୍ୟ କିମ୍ବା ହିଂସା ଉପରେ ବିଶ୍ୱାସ ସ୍ଥାପନ କରୁଥିବ, ସେମାନେ ଏହି ପୃଥିବୀପୃଷ୍ଠରୁ ଅବଶ୍ୟ ବିଲୁପ୍ତ ହୋଇଯିବେ । ମୋ' କ୍ଷେତ୍ରରେ ନୈତିକ ଭିତରେ ଆଧାତ୍ମିକ ଅନ୍ତର୍ଗତ ହୋଇ ରହିଛି । ଜଣେ ସଂସ୍କାରକ ହିସାବରେ ମୋ' ଜୀବନରେ ମୁଁ ସବୁକଥାକୁ ନୈତିକ ଦୃଷ୍ଟିକୋଣରୁ ହିଁ ବିଚାର କରି ଆସିଛି । ରାଜନୀତିକ, ସାମାଜିକ ଅଥବା ଆର୍ଥିକ, ମୁଁ ଯେତେବେଳେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥାଏ ପଛକେ, ସେହି ସମସ୍ୟାର ନୈତିକ ଦିଗଟି ହିଁ ମୋତେ ସବୁଠାରୁ ଅଧିକ ପ୍ରଧାନ ହୋଇ ଦେଖାଯାଇଛି ଏବଂ ତାହା ମୋ'ର ସମଗ୍ର ଦୃଷ୍ଟିଭଙ୍ଗିଟୀକୁ ସ୍ପର୍ଶ କରି ରହିଛି । ସର୍ବକାଳ ଲାଗି ଏକ ଅପରିବର୍ତ୍ତନୀୟ ନୈତିକତା ବୋଲି ଆଦୌ କୌଣସି କଥା ନାହିଁ । ମାତ୍ର, ଏକ ଆପେକ୍ଷିକ ନୈତିକତା ଅବଶ୍ୟ ରହିଛି, ଯାହାକୁ କି ଆମମାନଙ୍କ ପରି ଅପୂର୍ଣ୍ଣ ନଶ୍ୱରମାନେ ଅବଶ୍ୟ ସମ୍ପୂର୍ଣ୍ଣ ପଥରୂପେ ଗ୍ରହଣ କରି ପାରିବେ । ସେହି ଦୃଷ୍ଟିରୁ ବିଚାର କଲେ ଏକ ଔଷଧ ହିସାବରେ, ଔଷଧର ଅନୁପାନରେ ଏବଂ ଡାକ୍ତରଙ୍କର ପରାମର୍ଶ ବ୍ୟତୀତ ମଦ୍ୟପାନ କରିବାକୁ ଏକାନ୍ତ ଅନୈତିକ ବୋଲି ଅବଶ୍ୟ କୁହାଯିବ । ଠିକ୍ ସେହିପରି, ନିଜର ଧର୍ମପତ୍ନୀ ବ୍ୟତୀତ ଅନ୍ୟ କୌଣସି ରମଣୀ ଉପରେ କାମଦୃଷ୍ଟି ନିକ୍ଷେପ କରିବାକୁ ମଧ ସମ୍ପୂର୍ଣ୍ଣ ଗର୍ହିତ ବୋଲି ବିଚାର କରାଯିବ । ଏହି ଦୁଇଟିଯାକ କଥା ନିରପେକ୍ଷ ବୁଦ୍ଧିଦ୍ୱାରା ପ୍ରମାଣିତ ହୋଇ ସାରିଛି । ଏହାର ବିରୋଧ କରି ମଧ ଅନୁରୂପ ଯୁକ୍ତିମାନ ସବୁ ସମୟରେ ଦର୍ଶାଯାଇଛି । ଜଗତରେ ଯାହାକିଛି ରହିଛି, ଏହି ସବୁକିଛିର ସମଷ୍ଟି ଭଗବାନଙ୍କର ଅସ୍ତିତ୍ୱ ବିରୋଧରେ ମଧ ଯୁକ୍ତିମାନ ବାଢ଼ି ଦିଆଯାଇଛି । ବୁଦ୍ଧିକୁ ଅତିକ୍ରମ କରି ରହିଥିବା ବିଶ୍ୱାସ ହିଁ ଯୁଗଯୁଗ ଧରି ଆମର ଏକମାତ୍ର ନିର୍ଭରଶିଳା ହୋଇ ରହିଆସିଛି ।... ମୋ'ର ବିଶ୍ୱାସ ମୋତେ ଯାବତୀୟ ଜାଲରୁ ରକ୍ଷା କରି ଆସିଛି ଏବଂ ଏବେ ମଧ ରକ୍ଷା କରୁଛି । ତାହା ମୋତେ କଦାପି ଧୋକା ଦେଇନାହିଁ । ତାହା କାହାକୁ କେବେ ଧୋକା ଦେଇଥିବାର ପ୍ରମାଣ ନାହିଁ ।"

ବସ୍ତୁତଃ, ପୃଥିବୀରେ ଯେତେ ବ୍ୟକ୍ତି ଅଛନ୍ତି, ଧର୍ମ ମଧ ସେତିକିଟି ରହିଛି । ଧର୍ମମାନେ ହେଉଛନ୍ତି ଗୋଟିଏ ଗୋଟିଏ ପଥ ଏବଂ ସେମାନେ ଯାଇ ଗୋଟିଏ ଜାଗାରେ ମିଳିତ ହୋଇଛନ୍ତି । ଯଦି ଆମେ ଶେଷକୁ ଯାଇ ସେହି ଗୋଟିଏ ଲକ୍ଷ୍ୟରେ ପହଞ୍ଚିବା, ତେବେ ଅଲଗା ଅଲଗା ରାସ୍ତାରେ ଗଲେ କ'ଣ କ୍ଷତି ହୋଇଯିବ ? ପୃଥିବୀରେ କେବଳ ଗୋଟିଏ ଧର୍ମ ରହିପାରିବ ବା ରହିବ, ଏପରି ଏକ ବିଶ୍ୱାସରେ ସମ୍ମତ ହୋଇ ପାରିବି ନାହିଁ । ତେଣୁ, ମୁଁ ଏକ ସାଧାରଣ ଉପାଦାନ ଖୋଜି ବାହାର କରିବାକୁ ଏବଂ ପାରସ୍ପରିକ ସହନଶୀଳତା ଉତ୍ପନ୍ନ କରିବାକୁ ଚେଷ୍ଟା କରୁଛି । ସବୁ ଧର୍ମର ଆତ୍ମା ଗୋଟିଏ, ମାତ୍ର ତାହା ବହୁସଂଖ୍ୟକ ଆକାର ଭିତରେ ବନ୍ଧା ହୋଇ ରହିଛି । ଏହି ଆକାରଗୁଡ଼ିକ ନିରବଧି କାଳ ପର୍ଯ୍ୟନ୍ତ ରହିଥିବେ । ପ୍ରାଜ୍ଞ ବ୍ୟକ୍ତିମାନେ ବାହାରର ଖୋଳଟିକୁ ଗୌଣ ବୋଲି ଜାଣିବେ ଏବଂ ବିବିଧ ଖୋଳ ଭିତରେ ସେହି ଗୋଟିଏ ଆତ୍ମାକୁ ଦେଖିବା ଲାଗି ସମର୍ଥ ହେବେ ।

ପୃଥିବୀର ଯାବତୀୟ ଧର୍ମରେ ଅଳ୍ପ ବହୁତ ସାରସତ୍ୟ ରହିଛି ବୋଲି ମୋ'ର ବିଶ୍ୱାସ । ମୁଁ 'ଅଳ୍ପ ବହୁତ' ବୋଲି କହୁଛି, କାରଣ ମୁଁ ଭାବୁଛି ଯେ, ଯାହାକିଛି ଦେହରେ ମନୁଷ୍ୟର ହାତ ଯାଇ ବାଜିବ, ମନୁଷ୍ୟମାନେ ଅପୂର୍ଣ୍ଣତାଯୁକ୍ତ ହୋଇଥିବାରୁ ତାହା ବି ଅପୂର୍ଣ୍ଣତାଯୁକ୍ତ ହୋଇଯିବ । ପରିପୂର୍ଣ୍ଣତା ହେଉଛି କେବଳ ଈଶ୍ୱରଙ୍କର ଗୋଟିଏ ଗୁଣ, ଏବଂ ତାହାକୁ ବର୍ଣ୍ଣନା କରି ହେବନାହିଁ, ଅନୁକରଣ ବି କରି ହେବନାହିଁ । ଅବଶ୍ୟ ମୁଁ ତଥାପି ବିଶ୍ୱାସ କରୁଛି ଯେ, ଭଗବାନ ଯେଉଁଭଳି ସମ୍ପୂର୍ଣ୍ଣ, ଠିକ୍ ସେହିଭଳି ସମ୍ପୂର୍ଣ୍ଣ ହୋଇପାରିବା ପ୍ରତ୍ୟେକ ମନୁଷ୍ୟ ପକ୍ଷରେ ନିଶ୍ଚୟ ସମ୍ଭବ । ସେହି ସମ୍ପୂର୍ଣ୍ଣତା ନିମନ୍ତେ ଆକାଂକ୍ଷା ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ମାତ୍ର ଯେତେବେଳେ ସେହି ଆନନ୍ଦମୟ ସ୍ଥିତିକୁ ପ୍ରକୃତରେ ହାସଲ କରାଯାଇ ପାରିବ, ସେତେବେଳେ ତାହାର ଆଉ ବର୍ଣ୍ଣନା କରି ହେବନାହିଁ । ତାହାର ସଂଜ୍ଞା ନିରୂପଣ ବି କରି ହେବନାହିଁ । ତେଣୁ ମୁଁ ସକଳ ବିନୟ ସହିତ ସ୍ୱୀକାର କରୁଛି ଯେ, ବେଦ, କୋରାନ୍ ଓ ବାଇବେଲ ମଧ ଈଶ୍ୱରଙ୍କର ବାଣୀକୁ କେବଳ ଅପୂର୍ଣ୍ଣଭାବରେ ହିଁ ବ୍ୟକ୍ତ କରି ପାରିଛନ୍ତି ଏବଂ ଆମେ ସମସ୍ତେ ଗୋଟିଏ ଗୋଟିଏ ଅପୂର୍ଣ୍ଣ ସତ୍ତା ହୋଇଥିବାରୁ ଏବଂ କେତେ ନା କେତେ କାମନାଦ୍ୱାରା ନିରନ୍ତର ଆନ୍ଦୋଳିତ ହେବାରେ ଲାଗିଥିବାରୁ ଭଗବାନଙ୍କର ଏହି ବାଣୀକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ମଧ ଆମଲାଗି ଆଦୌ ସମ୍ଭବ ହେବ ନାହିଁ । କେବଳ ଭାରତରେ ନୁହେଁ, ସମଗ୍ର ପୃଥିବୀରେ ବାସ କରୁଥିବା ବିଭିନ୍ନ ଧର୍ମର ସବୁ ମନୁଷ୍ୟଙ୍କୁ ମୁଁ ଭଲ ପାଇବି, ସେମାନେ ସମସ୍ତେ ପରସ୍ପରର ପରିଚୟ ଲାଭ କରି ଜଣେ ଜଣେ ଅଧିକ ଭଲ ମନୁଷ୍ୟ ହେବେ ଏବଂ ଯଦି ସେକଥା ପ୍ରକୃତରେ ଘଟିପାରିବ, ତେବେ ଆଜିର ତୁଳନାରେ ଏହି ପୃଥିବୀ ଏଠାରେ ବାସ କରିବାଲାଗି ଏକ ଅଧିକ ଭଲ ସ୍ଥାନରେ ପରିଣତ ହୋଇଯିବ । ମୁଁ ଅଧିକରୁ ଅଧିକ ସହିଷ୍ଣୁତା ଲାଗି ନିବେଦନ କରୁଛି ଏବଂ ସେହି ଲକ୍ଷ୍ୟଟି ହାସଲ ହୋଇ ପାରିବାଲାଗି ମୁଁ କାର୍ଯ୍ୟ କରୁଛି । ମୁଁ ଅନୁରୋଧ କରୁଛି ଯେ ଲୋକମାନେ ଧର୍ମସ୍ଥ ବ୍ୟକ୍ତିମାନଙ୍କର ଦୃଷ୍ଟିକୋଣରୁ ସ୍ୱୟଂ ପ୍ରତ୍ୟେକ ଧର୍ମକୁ ପରୀକ୍ଷା କରି ଦେଖନ୍ତୁ । ମୁଁ ଯେଉଁ ଭାରତବର୍ଷର ସ୍ୱପ୍ନ ଦେଖୁଛି, ସେଥିରେ କେବଳ ଗୋଟିଏ ଧର୍ମର ବିକାଶ ହେବ, ଅର୍ଥାତ୍ ତାହା ସମ୍ପୂର୍ଣ୍ଣ ଭାବରେ କେବଳ ହିନ୍ଦୁ, କେବଳ ଖ୍ରୀଷ୍ଟିୟାନ୍ ଅଥବା କେବଳ ମୁସଲମାନ ହୋଇ ରହିବ ବୋଲି ମୁଁ ଆଦୌ ଆଶା କରୁନାହିଁ । ମାତ୍ର ତାହା ଅବଶ୍ୟ ସହନଶୀଳ ହେବ ଏବଂ ସେଠାରେ ଥିବା ଧର୍ମଗୁଡ଼ିକ ପରସ୍ପରର ପାଖେ ପାଖେ ରହି କାର୍ଯ୍ୟ କରୁଥିବେ ।

ପ୍ରାର୍ଥନାରତ ଅନ୍ୱେଷଣ, ଅଧ୍ୟୟନ ଏବଂ ମୋ' ସହିତ ସାକ୍ଷାତ ହେଉଥିବା ଯଥାସମ୍ଭବ ଅଧିକରୁ ଅଧିକ ବ୍ୟକ୍ତିଙ୍କ ସହିତ ଆଲୋଚନା ପରେ ମୁଁ ବହୁଦିନ ପୂର୍ବେ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଲି ଯେ ସବୁ ଧର୍ମ ଭିତରେ ସାରସତ୍ୟ ଅବଶ୍ୟ ରହିଛି ଏବଂ ସବୁ ଧର୍ମ ଭିତରେ କେତେକ ପରିମାଣରେ ଭ୍ରମ ମଧ ରହିଛି । ମୁଁ ଯେପରି ମୋ' ନିଜର ଧର୍ମକୁ ଅବଲମ୍ବନ କରି ରହିଛି, ମୋତେ ହିନ୍ଦୁଧର୍ମ ପରି ଅନ୍ୟ ଧର୍ମଗୁଡ଼ିକୁ ମଧ ସମାନ ଭାବରେ ପ୍ରିୟ କରି ଦେଖିବାକୁ ହେବ । ପୁନଶ୍ଚ, ସେଥିରୁ ନ୍ୟାୟତଃ ଏହି ସିଦ୍ଧାନ୍ତଟି ବାହାରୁଛି ଯେ, ଆମେ ସମସ୍ତଙ୍କୁ ମଧ ଆମର ନିକଟତମ ପ୍ରିୟଜନ ପରି ହିଁ ଦେଖିବା ଏବଂ ସେମାନଙ୍କ ପ୍ରତି କୌଣସି ପାତର ଅନ୍ତର ଦେଖାଇବା ନାହିଁ ।

ଏକ ଭଗବାନଙ୍କଠାରେ ବିଶ୍ୱାସ ହେଉଛି ସକଳ ଧର୍ମର ସାରକଥା । ମାତ୍ର, ମୁଁ ଆଗକୁ ଅବଲୋକନ କରି ଏପରି ଏକ ସମୟ ଆଦୌ ଦେଖିପାରୁ ନାହିଁ, ଯେତେବେଳେ କି ପୃଥିବୀରେ ବ୍ୟବହାରତଃ କେବଳ ଗୋଟିଏ ଧର୍ମ ରହିବ । ସିଦ୍ଧାନ୍ତର କ୍ଷେତ୍ରରେ, ଯେହେତୁ ଭଗବାନ ଏକ, ତେଣୁ କେବଳ ଗୋଟିଏ ଧର୍ମ ହିଁ ରହିପାରିବ । ମାତ୍ର, ପ୍ରକୃତ କ୍ଷେତ୍ରରେ ତ ମୁଁ ଏପରି ଦୁଇଜଣ ବ୍ୟକ୍ତିଙ୍କୁ ମଧ ଜାଣିନାହିଁ ଯେଉଁମାନଙ୍କର କି ଠିକ୍ ଏକାଭଳି ଭଗବତ୍ କଳ୍ପନା ରହିଛି । ତେଣୁ, ସମ୍ଭବତଃ ଚିରକାଳ ଲାଗି ଭିନ୍ନ ଭିନ୍ନ ଧର୍ମ ରହିବ ଏବଂ ଭିନ୍ନ ଭିନ୍ନ ମନୋଭାବ ଏବଂ ଭିନ୍ନ ଭିନ୍ନ ଜଳବାୟୁ ଅନୁକୂଳତା ଯୋଗାଇ ଦେଉଥିବ ।

(କ୍ରମଶଃ)

# ସ୍ୱର୍ବେଦ

**ଦଶମ ଅଧ୍ୟାୟ**

**ଭକ୍ତି ଜ୍ଞାନ ବୈରାଗ୍ୟ ଜୋ,**
**ତୀନୋ ପୂରଣ ହୋୟ ॥**
**ତବ ପ୍ରଭୁ କୀ ଉପଲବ୍ଧି ହୈ,**
**ଆଶ୍ରିତ ସଦ୍‌ଗୁରୁ ସୋୟ ॥୦୧॥**


ଭାଷ୍ୟ - ସଦ୍‌ଗୁରୁ ଶରଣରେ ଜ୍ଞାନ, ବୈରାଗ୍ୟ ଏବଂ ଭକ୍ତି - ଏ ତିନିର ପୂର୍ଣ୍ଣତା ଲାଭ ହେବା ପରେ ମହାପ୍ରଭୁଙ୍କର ପ୍ରାପ୍ତି ହୋଇଥାଏ ।

**କିସୀ ପଦାରଥ ପ୍ରାପ୍ତି କୀ, ଇଚ୍ଛା**
**ଅବ ନହିଁ କୋୟ ।**
**ଅଧିକାରୀ ପ୍ରଭୁ ମିଲନ କା, ଆଶ**
**ୱାସନା ଖୋୟ ॥୦୨॥**

ଭାଷ୍ୟ - ଯାହାର ସମସ୍ତ ଆଶା ଏବଂ ଅଭିଳାଷା ନଷ୍ଟ ହୋଇ ସାରିଛି, ଯାହାଙ୍କୁ ସଂସାରର କୌଣସି ଭୋଗ୍ୟ ବସ୍ତୁର ଇଚ୍ଛା ନାହିଁ, ସେ ପ୍ରଭୁ ପ୍ରାପ୍ତିର ଅଧିକାରୀ ଅଟନ୍ତି ।

**ପ୍ରେମ ୱିରହ ଅନୁରାଗ ହୈ,**
**ଅଟଲ ଭାୱ ୱିଶ୍ୱାସ ।**
**ପୁରୁଷାରତ ମେଁ ରତ ରହୈ, ହରି**
**ମିଲ ଜଗତ ନିରାଶ ॥୦୩॥**

ଭାଷ୍ୟ - ସଂସାରର ସମସ୍ତ ବିଷୟ,




ଆଶାରୁ ମୁକ୍ତ ହୋଇ ପ୍ରଭୁଙ୍କ ନିକଟରେ ପ୍ରେମ, ବିରହ, ଅନୁରାଗ ଓ ସଦ୍‌ଗୁରୁ ଚରଣରେ ଦୃଢ଼ ନିଶ୍ଚୟ ପୂର୍ଣ୍ଣ ବିଶ୍ୱାସ ଆସିଲା ପରେ ଯୋଗ ଦ୍ୱାରା ପୂର୍ଣ୍ଣ ଯତ୍ନ କଲେ ପ୍ରଭୁ ପ୍ରାପ୍ତି ହୋଇଥାଏ ।

**ପ୍ରେମ ନିରନ୍ତର ନିରତିଶୟ,**
**ଲଗନ ଭାୱ ନିଷ୍କାମ ।**
**ୟହ ତୋ ଚେତନ ଭକ୍ତି ହୈ,**
**ତବ ପାୱେ ସତ୍ୟ ନାମ ॥୦୪॥**

ଭାଷ୍ୟ - ପ୍ରଭୁଙ୍କ ଠାରେ ଏକ ତାର, ନିଷ୍କାମ ପ୍ରେମକୁ ଭକ୍ତି କହନ୍ତି । ଆତ୍ମା ଦ୍ୱାରା ଚେତନ ଭକ୍ତି ହୋଇଥାଏ ଏବଂ ତାହା ଦ୍ୱାରା ସାରଶବ୍ଦଙ୍କର ପ୍ରାପ୍ତି ହୋଇଥାଏ । ସାରଶବ୍ଦ ପରମ ପୁରୁଷଙ୍କୁ କହନ୍ତି ।

**ଆତ୍ମ ସମର୍ପିତ ଭକ୍ତି ହୈ, ଆଶ ନ**
**ପଦ ନିର୍ୱାନ ।**
**କାମ କାମନା କୋଇ ନହୀଁ, ଭକ୍ତି**
**ପରମ ସୁଖ ଖାନ ॥୦୫॥**

ଭାଷ୍ୟ - ଯେଉଁ ଆତ୍ମ ସମର୍ପିତ ଭକ୍ତକୁ ମୁକ୍ତି ପର୍ଯ୍ୟନ୍ତ ଇଚ୍ଛା ରହେ ନାହିଁ, ନା ସଂସାରର କୌଣସି ପଦାର୍ଥର କାମନା ରହିଥାଏ, ସେ ହିଁ ଭକ୍ତିର ପରମ ସୁଖକୁ ପ୍ରାପ୍ତ କରିଥାନ୍ତି । ଭକ୍ତି ଅତିରିକ୍ତ ଭକ୍ତକୁ କୌଣସି ପଦାର୍ଥର ଇଚ୍ଛା ହୋଇ ନ ଥାଏ ।

**ଭକ୍ତ ମୁକ୍ତି ଇଚ୍ଛା ନହୀଁ, ପ୍ରେମ**
**ୱିରହ ଭଗୱାନ ।**
**ମୁକ୍ତି ଭକ୍ତ ପୀଛେ ଫିରେ, ଜେହି**
**ପ୍ରଭୁ କୃପା ମହାନ ॥୦୬॥**

ଭାଷ୍ୟ - ଭକ୍ତ ପ୍ରଭୁ ପ୍ରାପ୍ତି ବ୍ୟତୀତ ମୁକ୍ତିର ମଧ୍ୟ ଇଚ୍ଛା ରଖେ ନାହିଁ । ସେହି ଭକ୍ତି ବିଗଳିତ ଭକ୍ତମାନଙ୍କର ପଛରେ ମୁକ୍ତି ଘୂରି ବୁଲୁଥାଏ, ଯେଉଁମାନଙ୍କର ପ୍ରତି ପ୍ରଭୁଙ୍କର ଅସୀମ କୃପା ରହିଥାଏ ।

**ମନସ ମନନ ପରବ୍ରହ୍ମ କା, ବୁଦ୍ଧି**
**ୱିୱେଚନ ସୋୟ ।**
**କେୱଲ ବ୍ରହ୍ମାକାର ହେ, ଚିତ୍ତୱୃତ୍ତି**
**ବନ ସୋୟ ॥୦୭॥**

ଭାଷ୍ୟ - ମନନ, ବିବେଚନ ଏବଂ ଚିନ୍ତନ ଏକମାତ୍ର ବ୍ରହ୍ମସ୍ୱରୂପର ହିଁ ହୁଏ, ଏହାକୁ ଉତ୍ତମ ଭକ୍ତି କହନ୍ତି । ଅର୍ଥାତ୍ ବ୍ରହ୍ମ ବ୍ୟତୀତ ଅନ୍ୟର ସ୍ମରଣ ନ ହେବା ଭକ୍ତି ଅଟେ ।

**ଲକ୍ଷ୍ୟ ଭିନ୍ନ ଜୋ ୱିଷୟ ହେ,**
**ଅନ୍ତଃକରଣ ମେଁ ଆୱ ।**
**ଭକ୍ତି ଭାୱ ବ୍ୟୱଧାନ ହୈ,**
**କେୱଲ ଶବ୍ଦ ସମାୱ ॥୦୮॥**

ଭାଷ୍ୟ - ଧ୍ୟେୟ ଅତିରିକ୍ତ ବିଷୟ ଯେତେବେଳେ ଅନ୍ତଃକରଣରେ ଆସିଯାଏ, ସେତେବେଳେ ଭକ୍ତିରେ ବାଧା ହୁଏ ଓ ଚେତନା ନିମ୍ନକୁ ଚାଲିଯାଏ । ସେଥିପାଇଁ ବିଶୁଦ୍ଧ ଭକ୍ତିରେ ପ୍ରଭୁଙ୍କ ବ୍ୟତୀତ ଅନ୍ୟ ସତ୍ତାରେ କୌଣସି ପ୍ରକାରର ସମ୍ବନ୍ଧ ନ ରହୁ, ଏକମାତ୍ର ଚେତନା ଶବ୍ଦରେ ଲାଗି ରହୁ । ଏହା ପୂର୍ଣ୍ଣ ଭକ୍ତିର ସ୍ୱରୂପ ଅଟେ ।

# ଶରୀର ପାଇଁ ଲାଭକାରୀ ଗୁଡ଼



ଶୀତ ଦିନେ ପ୍ରଦୂଷଣର ପ୍ରକୋପ ବଢ଼ିଯାଏ । ଏଥିଯୋଗୁଁ ଶ୍ୱାସ, ଥଣ୍ଡା, କାଶ, ରୁକ୍ଷ ଏବଂ ଶୁଷ୍କ ତ୍ୱଚା ଭଳି ଶାରୀରିକ ସମସ୍ୟାର ଆଶଙ୍କା ରହିଥାଏ । ପ୍ରଦୂଷଣ ଜନିତ ସମସ୍ୟାରୁ ରକ୍ଷା ପାଇବା ପାଇଁ ଗୁଡ଼ ମହୌଷଧୀ ରୂପେ କାର୍ଯ୍ୟ କରିଥାଏ । ପ୍ରତିଦିନ ଏହାକୁ ଖାଦ୍ୟରେ ସାମିଲ କରନ୍ତୁ । ମାରାତ୍ମକ ରୋଗରୁ ମୁକ୍ତି ପାଆନ୍ତୁ ।

ଆୟୁର୍ବେଦିକ ଶାସ୍ତ୍ର ଅନୁସାରେ ଗୁଡ଼ ଏକ ଉଷ୍ମ ଜାତୀୟ ଖାଦ୍ୟ ପଦାର୍ଥ । ଏହା ଇମ୍ୟୁନିଟି ବଢ଼ାଇବା ସହିତ ଶରୀରର ଉଷ୍ମତା ବୃଦ୍ଧି କରିଥାଏ । ଏଥିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ମିନେରାଲ, ଜିଙ୍କ ପୋଟାସିୟମ, ଆଇରନ, ଫସଫରସ ଆଦି ଉପାଦାନ ରହିଛି ଯାହା ଖାଦ୍ୟକୁ ଆହୁରି ପୁଷ୍ଟିକର କରିଥାଏ ।

ଶୀତଦିନେ ଶରୀରରେ ରକ୍ତ ସଂଚାଳନ ଧୀମା ପଡ଼ିଯାଏ । କିନ୍ତୁ ଗୁଡ଼ ଖାଇବା ଦ୍ୱାରା ରକ୍ତ ସଂଚାଳନ ସୁଚାରୁ ରୂପେ ହୁଏ । ଏହା ମଧ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଥାଏ ।

ଗୁଡ଼ ଶରୀରକୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଦେବା ସହିତ ଥଣ୍ଡା, କାଶ, ସର୍ଦ୍ଦି ପରି ଶୀତଦିନିଆ ରୋଗରୁ ଉପଶମ ମିଳେ । ସଂକ୍ରମଣରୁ ମଧ ରକ୍ଷା କରିଥାଏ । ଶୀତଦିନେ ସନ୍ତୁଳିତ ଆହାରରେ ଗୁଡ଼କୁ ସାମିଲ କରନ୍ତୁ ।

ଶୀତଦିନେ ପ୍ରାୟତଃ ଅନେକଙ୍କ ଠାରେ ଗଣ୍ଠି ଯନ୍ତ୍ରଣା ବା ଗଣ୍ଠିବାତ ଦେଖାଯାଏ । କିନ୍ତୁ ଗୁଡ଼ ଏହି ସମସ୍ୟାରୁ ଉପଶମ ଦେବା ପାଇଁ ବିଶେଷ ଫଳପ୍ରଦ ହୋଇଥାଏ । ନିୟମିତ ଗୁଡ ଖାଇବା ଦ୍ୱାରା ହାଡ଼ ଶକ୍ତ ହୋଇଥାଏ ଏବଂ ଗଣ୍ଠିରେ ହୋଇଥିବା ଅକଥନୀୟ ଯନ୍ତ୍ରଣାକୁ ଦୂର କରିଥାଏ । ବୟସ୍କ ବ୍ୟକ୍ତିମାନେ କ୍ଷୀର କିମ୍ବା ଜୁସ୍‌ରେ ଗୁଡ଼ ଖାଇବା ଆବଶ୍ୟକ ।

ଗୁଡ଼ ଶରୀରର ତାପମାତ୍ରାକୁ ବଢ଼ାଇଥାଏ । ଯାହା ଫଳରେ ଶ୍ୱାସରୋଗୀଙ୍କ ଶ୍ୱାସକ୍ରିୟା ସମସ୍ୟା ଲାଘବ ହୋଇଥାଏ । ପ୍ରତ୍ୟେକ ଦିନ ଗୁଡ ସହ ରାଶି ଖାଇବା ଦ୍ୱାରା ଶ୍ୱାସନଳୀ ସଫା ରହେ । ଖାଲି ସେତିକି ନୁହେଁ ଏହା ଯକୃତ ଏବଂ ଫୁସଫୁସକୁ ବି କାର୍ଯ୍ୟକ୍ଷମ କରିଥାଏ ।

# ମୁଁ ହେଉଛି ଅଦ୍ଭୁତ ଶବ୍ଦ

**ପ୍ରଦୀପ୍ତ କୁମାର କର**

'ମୁଁ' ଏକ ଅଦ୍ଭୁତ ଶବ୍ଦ । ମୁଁ କୁ ନେଇ ଲୋକଙ୍କ ମାନସିକତା କୁ ଯଦି ଆମେ ତର୍ଜମା କରିବାକୁ ଯିବା ତେବେ ତାହା ହେବ କି ନାହିଁ କହିବା ମୁସ୍କିଲ । କାରଣ ଏହି ଶବ୍ଦଟି ଆମ ମନରେ ଏପରି ଭାବରେ ବସା ବାନ୍ଧି ରହିଥାଏ ଯେ ତାକୁ ବାହାରକୁ ଛାଡ଼ି ଦେବା ଅତ୍ୟନ୍ତ କଠିନ । ଲୋକମାନେ ସବୁ ବେଳେ କହି ବୁଲନ୍ତି ଯେ ମୁଁ ଏ କାମ କରିଦେଲି, ମୋ ଦ୍ୱାରା ସବୁ କାମ ହେଉଛି, ମୁଁ ନ ଥିଲେ କୌଣସି କାମ ହୋଇ ପାରିବ ନାହିଁ, ଯାହା କରିବ ମୋତେ ପଚାରି କରି କରିବ, ମୁଁ ହିଁ ସବୁଠାରୁ ଭଲ ଏପରି ଅନେକ କଥା । କିନ୍ତୁ ଆମେ ଭୁଲି ଯାଉଛେ ଯେ ଏ ଯେଉଁ ପ୍ରତ୍ୟେକ ମନୁଷ୍ୟ ବିଶ୍ୱ ନିୟନ୍ତାଙ୍କ ସୃଷ୍ଟି ଓ ତାଙ୍କରି ଦ୍ୱାରା ହିଁ ପରିଚାଳିତ । ସେ ହିଁ ତାଙ୍କ ସୃଷ୍ଟିର ପରିଚାଳକ । ଏ ତିନି ଲୋକରେ ମୁଁ କହିଲେ କେବଳ ସେହି ପରମ ପିତାଙ୍କୁ ହିଁ ବୁଝାଯାଏ ଯାହାକୁ ମୁନି, ଋଷି ଓ ବିଦ୍ୱାନ ବ୍ୟକ୍ତିମାନେ କହିଥାନ୍ତି । ମୁଁ ଶବ୍ଦଟି ଆମ ଭିତରେ ଏତେ ଅହଙ୍କାର ଓ ଉଚ୍ଚାଟ ମନୋଭାବ ସୃଷ୍ଟି କରେ ଯେ ସେଥିରେ ନିଜେ ଜଳି ପୋଡ଼ି ପାଉଁଶ ହୋଇ ଯାଏ । କଂସ, ରାବଣ ଦୁର୍ଯ୍ୟୋଧନ ତଥା ସମସ୍ତ କୌରବ ବଂଶ ମଧରେ ଅହମ୍‌ଭାବ ସେମାନଙ୍କ ଶିରା ପ୍ରଶିରାରେ ପ୍ରତି ରକ୍ତ ବିନ୍ଦୁରେ ପ୍ରବାହିତ ହେଉଥିଲା । ଯାହାର ଫଳ ସ୍ୱରୂପ ସେମାନେସବୁ ସମୟରେ ଅତ୍ୟନ୍ତ ଉଗ୍ର ଭାବରେ ରହୁଥିଲେ । ଏହାର ପରିଣତି ଏହା ହେଲା ଯେ ସେମାନେ ସମସ୍ତେ ପ୍ରଭୁଙ୍କ କୃପାରୁ ତାଙ୍କରି ହସ୍ତରେ ମୃତ୍ୟୁ ବରଣ କଲେ । ଅବଶ୍ୟ ଏହା ଥିଲା ସେମାନଙ୍କ ନିଶ୍ଚିତ ମୃତ୍ୟୁ । ପୁରୁଷ ଓ ସ୍ତ୍ରୀର ମିଳନରେ ସୃଷ୍ଟି ହୁଏ ସନ୍ତାନ, କିନ୍ତୁ ଏହା ସମସ୍ତଙ୍କ ପକ୍ଷେ ବୁଝିବା ଅସମ୍ଭବ ଯେ ଯେଉଁ ଦିନ ଭ୍ରୁଣଟି ମା ଗର୍ଭରେ ସୃଷ୍ଟି ହୁଏ ସେହି ଦିନରୁ ତାର ଭାଗ୍ୟ ଲେଖା ଯାଇଥାଏ ଯାହାକି ମୃତ୍ୟୁ ପର୍ଯ୍ୟନ୍ତ ତାହା ଗୋଟିଏ ପରେ ଗୋଟିଏ ସୋପାନ ଦେଇ ଗଡି ଚାଲେ । ଥରେ ତାହା ସ୍ଥିର ହୋଇଗଲା ପରେ ତାହା ଆଉ ବଦଳି ପାରେ ନାହିଁ । ସେଥିପାଇଁ କଥାରେ ଅଛି 'କପାଳ ଲିଖନ କେ କରିବ ଆନ' । ଆଜିକାଲିର ନିଜକୁ ସଭ୍ୟ ବୋଲି ଚିହ୍ନାର କରୁଥିବା ମନୁଷ୍ୟ ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ନାରାଜ । ନିଜର ଅହଂ ଭାବରେ ମନୁଷ୍ୟମାନେ ଏତେ ଡୁବି ଯାଉଛନ୍ତି ଯେ ସେମାନଙ୍କୁ ଭଲ ମନ୍ଦର ଫରକ୍ ଜଣା ପଡୁନାହିଁ । ଯେଉଁ ଉଚ୍ଚ ପଦାଧିକାରୀ ବା ରାଜନୈତିକ ଲୋକମାନେ ଏହି ମୁଁ ଶବ୍ଦକୁ ଉଚ୍ଚାରଣ କରି ତାଙ୍କ ଦ୍ୱାରା ସବୁ ହେଉଛି ବୋଲି ଘୋଷଣା କରି ଚାଲନ୍ତି ଓ ମାନବ ସମାଜକୁ ଅତ୍ୟନ୍ତ ଘୃଣା ଚକ୍ଷୁରେ ଦେଖନ୍ତି । କିନ୍ତୁ ସେମାନେ ଭୁଲିଯାନ୍ତି ଯେ ଯେଉଁ ସ୍ଥାନରେ ସେମାନେ ଆଜି ପହଂଚିଛନ୍ତି ତାହା କେବଳ ସେହି ଲୀଳାମୟଙ୍କ ଦ୍ୱାରା ତାଙ୍କ ଜନ୍ମ ଦିନରୁ ହିଁ ସ୍ଥିରୀକୃତ ହେଇଛି । ଏଥିରେ ସେମାନଙ୍କ 'ମୁଁ' ର କୌଣସି ସମ୍ବନ୍ଧ ନାହିଁ । ମୁଁର ତୀବ୍ରତା ଏତେ ପ୍ରଖର ଯେ ତାହା ଶବ୍ଦର ଶହେ ଗୁଣ ଠାରୁ ଅଧିକ ବେଗ ରେ ଯାଏ । କିଛି ଲୋକ ପ୍ରଭୁଙ୍କ ଓ ନିଜ ମା, ବାପା ଙ୍କ ଦୟାରୁ ଅତି ଉଚ୍ଚ ସ୍ଥାନରେ ଅବସ୍ଥାପିତ ହୋଇ ଗଲା ପରେ ମୁଁ ବଡ ଭାବି ନିଜ ବାପା ମାଙ୍କୁ ଅଦରକାରୀ ବସ୍ତୁ ପରି ଫୋପାଡି ଦିଅନ୍ତି । କାରଣ ସେମାନଙ୍କ ଭିତରେ ମୁଁ ର ଯେଉଁ ମାୟା ଜାଲ ବସା ବାନ୍ଧି ରହିଥାଏ ସେହିଁ ସେମାନଙ୍କୁ ଏପରି କରାଏ । ଆଉ ଯେଉଁ ମୁହୂର୍ତ୍ତରେ ମୁଁ ର ଛାୟା ହଟିଯାଏ ଓ ମନୁଷ୍ୟ ପ୍ରକୃତିସ୍ଥ ହୁଏ ସେତେବେଳେ ଆଉ କିଛି ନ ଥାଏ । ସାଧୁ,ସନ୍ଥ ମାନେ ସର୍ବଦା ନିଜକୁ ମୁଁ ସମ୍ବୋଧନ ଠାରୁ ଦୂରେଇ ରଖନ୍ତି । କାରଣ ନ ହେଲେ ସେମାନେ ଯେଉଁ ତପ ସାଧନା ବଳରେ ନିଜକୁ ପ୍ରଭୁଙ୍କ ନିକଟତର କରାଇଛନ୍ତି ତାହା ନଷ୍ଟ ହୋଇ ଯିବ । ଥରେ ଭୁବନେଶ୍ୱର ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ଏହି ଅଧମକୁ ଜଣେ ସନ୍ନ୍ୟାସୀ ସହିତ ଦେଖା ହେବାର ସୁଯୋଗ ମିଳିଥିଲା । ସେ ସବୁବେଳେ ନିଜକୁ ଅନ୍ଧ ବୋଲି ସମ୍ବୋଧନ କରୁଥିଲେ ଓ କହୁଥିଲେ ଯେ ଏ ଅନ୍ଧ ଯାହା କହୁଛି ସେ କେବଳ ସେହି ସର୍ବ ବ୍ୟାପୀ ଅଦୃଶ୍ୟ ଶକ୍ତି ଦ୍ୱାରା ହିଁ କହୁଛି ବା ଯେଉଁ କର୍ମ କରୁଛି କେବଳ ତାଙ୍କର ନିର୍ଦ୍ଦେଶରେ ହିଁ କରୁଛି । ଏଠାରେ ସେହି ସନ୍ୟାସୀଙ୍କ ପ୍ରଭୁଙ୍କ ପ୍ରତି ଥିବା ସମର୍ପଣ ଭାବକୁ ପ୍ରଦର୍ଶନ କରୁଛି । କୁରୁ ସଭାରେ ଯେତେବେଳେ ଦୁଃଶାସନ ମା ଦ୍ରୌପଦୀଙ୍କୁ ବିବାସ୍ତ୍ର କରୁଥିଲା ଓ ଦ୍ରୌପଦୀ ନିଜକୁ ରକ୍ଷା କରିବା ପାଇଁ ନିଜ ହାତ ରେ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରୁଥିଲେ ସେ ସେତେବେଳେ ଶ୍ରୀକୃଷ୍ଣଙ୍କୁ ରକ୍ଷା କରିବାକୁ ଡାକୁଥିଲେ ମଧ କୌଣସି ସାହାଯ୍ୟ ପାଇ ନଥିଲେ । କିନ୍ତୁ ଯେଉଁ ମୁହୂର୍ତ୍ତରେ ନିଜ ହାତ ଉପରକୁ ଟେକି ସମର୍ପଣ ଭାବରେ ପ୍ରଭୁ ଙ୍କୁ ଆରାଧନା କଲେ ସେତେବେଳେ ଶୂନ୍ୟ ରୁ ବସ୍ତ୍ର ଆସିଗଲା ଓ ଦୌପଦୀ ଙ୍କ ଲଜ୍ୟା ରକ୍ଷା ହେଲା । ଯେ ପର୍ଯ୍ୟନ୍ତ ଦ୍ରୌପଦୀ ଙ୍କ ମନରେ ମୁଁ ନିଜକୁ ରକ୍ଷା କରିପାରିବି ବୋଲି ଚିନ୍ତା ଥିଲା ସେହି ଅହଂ ଭାବ ହିଁ ତାଙ୍କୁ ପ୍ରଭୁଙ୍କ କୃପା ପାଇବାରୁ ବଞ୍ଚିତ କରିଥିଲା ଓ ପରମୁହୁର୍ତ୍ତରେ ଅହଂ ଭାବ ଛାଡ଼ି ସମର୍ପଣ ଭାବ କୁ ଆସିବାରେ ଲଜ୍ୟା ରକ୍ଷା ହେଲା । ଆମେ ସମସ୍ତେ ଅଧମ, ଅନ୍ଧ ନିଜର ଅହଂ ଭାବକୁ ତ୍ୟାଗ କରି ନିଜକୁ ପ୍ରଭୁଙ୍କ ପାଦ ପଦ୍ମରେ ସମର୍ପଣ କରି ପାରିଲେ ଏ ମିଛ ମାୟା ସଂସାର ରୁ ମୁକ୍ତି ପାଇବା । ଏହା ନୁହେଁ ଯେ ଆମେ ଘର ଛାଡ଼ି ସନ୍ନ୍ୟାସ ନେବା ଦରକାର । ଯେପରି ପୁରାଣରେ ଅନେକ ମୁନି ଋଷି ମାନେ ଗୃହସ୍ଥ ହୋଇ ମଧ ପ୍ରଭୁଙ୍କ କୃପା ଓ ଆଶୀର୍ବାଦ ସର୍ବଦା ପାଇପାରିଥିଲେ ଓ ସେମାନଙ୍କ ମଧରେ ମୁଁ ଭାବ ତ୍ୟାଗ କରି ସମର୍ପଣ ଭାବ ରେ ସମର୍ପିତ ହେଉଥିଲେ ସେହିପରି ଏ ମନୁଷ୍ୟ ସମାଜ ମଧ ମୁଁ କୁ ତ୍ୟାଗ କରି ନିଜକୁ ପ୍ରଭୁ ଙ୍କ ପାଖରେ ସମର୍ପିତ ହୋଇଯିବା ଉଚିତ । ବର୍ତ୍ତମାନ ସମୟରେ ମୁଁ ଶବ୍ଦ ର ପ୍ରାଦୁର୍ଭାବ ସଂସାରରେ ତାର ପ୍ରଭାବ ଏତେ ପରିମାଣରେ ବଢି ବଢ଼ି ଚାଲିଛି ଯେ ତାହା ଅକ୍ତିଆର ବାହାରେ ।କିନ୍ତୁ ତାରି ଭିତରେ ରହି ଆମକୁ ସଜାଗ ହୋଇ ନିଜର ସମାଜ ପ୍ରତି ଥିବା କର୍ତ୍ତବ୍ୟକୁ ପ୍ରଭୁଙ୍କ ନାମରେ ସମର୍ପିତ କରି ପାରିଲେ ହିଁ ମୁଁ ଶବ୍ଦ ରୁ ଆମେ ମୁକ୍ତି ପାଇବା । ଯେଉଁ ଦିନ ସଜୀବ ପ୍ରାଣୀ ନିର୍ଜୀବ ହୋଇଯିବ ନିଃଶ୍ୱାସ ବନ୍ଦ ହୋଇଯିବ ଆତ୍ମା ଚାଲିଯାଇ ପରମାତ୍ମାଙ୍କ ସହିତ ମିଳନ ହେବ ସେଦିନ ଆଉ ମୁଁ ଶବ୍ଦର ଆବଶ୍ୟକ ପଡ଼ିବ ନାହିଁ । ଏହାହିଁ ସୂର୍ଯ୍ୟ, ଚନ୍ଦ୍ର ପରି ଚିରନ୍ତନ ସତ୍ୟ । ତେଣୁ ମନୁଷ୍ୟ ଭିତରେ ଥିବା ମୁଁ ମଞ୍ଜି କୁ ସର୍ବଦା କାଢି ଫୋପାଡି ଦେବା ସର୍ବତ୍ର ଗ୍ରହଣୀୟ ।

**ସୂର୍ଯ୍ୟନଗର, ଭୁବନେଶ୍ୱର**
**ମୋ. ୯୮୬୧୦୭୫୪୦୪**

## ଟିକିଏ ହସନ୍ତୁ

ପୁଅ ଝିଅକୁ : ଆଇ ଲଭ୍ ୟୁ । ଏବେ ତମେ ବି କୁହ ।
ଝିଅ : ରହ ! ମୁଁ ସାର୍‌ଙ୍କୁ ଯାଇ କହୁଛି ।
ପୁଅ : ଆରେ ପାଗେଳିଟା ନା କ'ଣ, ସାର୍‌ଙ୍କୁ କହିବା କ'ଣ ଦରକାର ? ସେ ତ ବିବାହିତ ।

× × ×

ମୋହନ ରାଜେଶକୁ : ତତେ ଯଦି କୋଉ ସୁନ୍ଦରୀ ଝିଅ ଫ୍ଲାଇଂ କିସ୍ ଦେବ ତତେ କେମିତି ଲାଗିବ ?
ରାଜେଶ : ବହୁତ ରାଗ ଲାଗିବ ।
ମୋହନ : କାହିଁକି ?
ରାଜେଶ : ଏତେ ଅଳସୁଆ ଝିଅ ଉପରେ ରାଗିବିନି ତ ଆଉ କ'ଣ କରିବି ? ଦେବାର ଅଛି ଯଦି ସିଧା ଆସି କିସ୍ ଦେଉନି । ଇଏ ଫ୍ଲାଇଂ କିସ୍ କ'ଣ ?

× × × × ×

ପପୁ ସିପୁକୁ : ସାଙ୍ଗ ମୋତେ ଗୋଟେ ବୋତଲ ରକ୍ତ ନିହାତି ଦରକାର ।
ସିପୁ : ହଉ ଠିକ୍ ଅଛି । ହେଲେ କୋଉ ଗ୍ରୁପ୍‌ର ରକ୍ତ ଦରକାର ।
ପପୁ : ଯୋଉଟା ହେଲେ ବି ଚଳିବ ।
ସିପୁ : ମାନେ ! ରକ୍ତ କୋଉଥି ପାଇଁ ଦରକାର କି ତୋ'ର ?
ପପୁ : ଗର୍ଲଫ୍ରେଣ୍ଡକୁ ରକ୍ତରେର ଚିଠି ଲେଖିବା ପାଇଁ ।



× × × ×

ରାଜେଶ ପିଣ୍ଟୁକୁ – କହିପାରିବୁକି ସରକାର ଭୋଟ ଦେବା ବୟସ ୧୮ ଓ ବିବାହ ବୟସ ୨୧ ବର୍ଷ କାହିଁକି କରିଛନ୍ତି ?
ପିଣ୍ଟୁ– ଏଇଟା ତ ପୂରା ସହଜ ପ୍ରଶ୍ନ ।
ରାଜେଶ : ତା' ହେଲେ କହିଲୁ ।
ପିଣ୍ଟୁ : ସରକାର ବି ଜାଣିଛନ୍ତି ଦେଶ ସମ୍ଭାଳିବା ସହଜ ହେଲେ ସ୍ତ୍ରୀ ସମ୍ଭାଳିବା ନୁହେଁ ।

× × × × ×

ଶିକ୍ଷକ ପିଲାଙ୍କୁ : ଈଶ୍ୱରଙ୍କୁ ହୃଦୟରୁ ସ୍ମରଣ କର । ଦେଖିବ ସେ ତୁମର ମନୋସ୍କାମନା ନିଶ୍ଚୟ ପୂରଣ କରିବେ ।
ଚିଣ୍ଟୁ : ସାର୍ କାହିଁକି ମିଛ କଥା କହୁଛନ୍ତି । ଏମିତି ହୋଇଥିଲେ ତ ଆପଣ ମୋର ସାର୍ ନ ହୋଇ କେବେଠୁ ଶ୍ୱଶୁର ହୋଇଥାଆନ୍ତେ ।

× × × ×

ମୋହନ ପପୁକୁ : କହିଲୁ ଦେଖି ମା' ଓ ସ୍ତ୍ରୀ ଭିତରେ ଅନ୍ତର କ'ଣ ?
ପପୁ : ମା' କଥା କହିବା ଶିଖାଏ । ଆଉ ସ୍ତ୍ରୀ ଚୁପ୍ ରହିବା ।

## କେଶରର ଉପକାରିତା

**ନି**ୟମିତ ଭାବରେ ଖାଦ୍ୟରେ କେଶର ଗ୍ରହଣ କଲେ ଏହା ଶରୀରରେ କ୍ୟାନସର ସେଲ ସୃଷ୍ଟି ହେବାକୁ ଦିଏ ନାହିଁ । କେଶରରେ ପୋଟାସିୟମ ଥିବାରୁ ଏହା ଉଚ୍ଚ ରକ୍ତଚାପ ଓ ହୃଦରୋଗୀମାନଙ୍କ ପାଇଁ ଅମୃତ ତୁଲ୍ୟ ।

ଡାଇବେଟିସ ରୋଗୀମାନଙ୍କ ପାଇଁ ଏହାର ଉପକାର କାହିଁରେ କ'ଣ । କ୍ଷୀରରେ ପକାଇ ପିଇଲେ ଏହା ଶରୀରର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିବାକୁ ଦିଏନାହିଁ ।

କେଶର ପ୍ରତ୍ୟେକ ଦିନ ସେବନ କଲେ ଏହା ଶ୍ୱାସକ୍ରିୟା ସୁଦୃଢ଼ କରିବା ସହ ଶ୍ୱାସ ନଳୀକାକୁ ମଜବୁତ କରିଥାଏ । ଶ୍ୱାସରୋଗୀମାନେ ଏହାକୁ ପ୍ରତ୍ୟେକ ଦିନ ବ୍ୟବହାର କରିପାରିବେ ।

ମାନସିକ ରୋଗୀମାନଙ୍କ ପାଇଁ ଏହା ଅମୃତ ତୁଲ୍ୟ ।



ନିୟମିତ ଭାବରେ ଖାଦ୍ୟରେ କେଶର ଗ୍ରହଣ କଲେ ଏହା ଶରୀରରେ କ୍ୟାନସର ସେଲ ସୃଷ୍ଟି ହେବାକୁ ଦିଏ ନାହିଁ । ଲ୍ୟୁକୋମିଆ, ଓଭାରିଆନ କାର୍ସିନୋମା, କୋଲୋନ, ଷ୍ଟୋମାକ ଓ ସ୍କିନ କ୍ୟାନସର ରୋଗୀମାନେ ଏଥିରୁ ଅନେକ ଉପକାର ପାଇଥାନ୍ତି ।

ଗବେଷଣାରୁ ଜଣାଯାଇଛି ଯେ ଏହା ହେପଟିକ ଡିସକ୍ରୋନିକଟିକ ନୋଡ୍ୟୁଲକୁ କାମ କରିଥାଏ । କାରଣ ଏହା ଆଣ୍ଟି ଏକ୍ସିଡେଟିଭ ସିଷ୍ଟମକୁ ମଜବୁତ କରିବାର ଶକ୍ତି ଅଛି । ଅର୍ଥାତ୍ ଯକୃତ ବିକାର ପାଇଁ ଏହା ଅତି ଉତ୍ତମ ।

ଏହା ଶରୀରରେ ପାନକ୍ରିୟାଟିକ କ୍ୟାନସର ସେଲ ସୃଷ୍ଟି ହେବାକୁ ଦେଇ ନ ଥାଏ ।

ଚରକଙ୍କ ମତରେ କେଶର ଫୁସଫୁସ କ୍ୟାନସରରେ କେମୋଥେରାପଟିକ ଏଜେଣ୍ଟ ଭାବରେ ଚିକିତ୍ସା କରିବାରେ ସକ୍ଷମ ।

ଇଜିପ୍ଟିରେ ଦାନ୍ତ ସଫା କରିବା ପାଇଁ ଓ ଆଖିରେ ପରଳ ପଡି ଯାଇଥିଲେ ତାକୁ ଦୂର କରିବା ପାଇଁ କେଶର ବ୍ୟବହାର କରାଯାଇଥାଏ ।


ଅନିୟମିତ ଋତୁସ୍ରାବ କିମ୍ବା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟର ଯନ୍ତ୍ରଣା କମ କରିବାରେ ଏହା ଉପକାରୀ । ପ୍ରତ୍ୟେକ କିଶୋରୀ ୧୩ ବର୍ଷ ବୟସରୁ ଗର୍ଭଧାରଣ କରିବା ପର୍ଯ୍ୟନ୍ତ ଏହାକୁ ନିୟମିତ ସେବନ କଲେ ଜରାୟୁ ହୃଷ୍ଟପୁଷ୍ଟ ହୁଏ ।

ଗର୍ଭସ୍ଥ ସନ୍ତାନର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଗର୍ଭବତୀ ମହିଳାଙ୍କୁ କ୍ଷୀରରେ କେଶର ପକାଇ ପିଇବା ପାଇଁ ଉପଦେଶ ଦିଆଯାଇଥାଏ । ତେବେ ବ୍ୟବହାର ପୂର୍ବରୁ ଏସମୟରେ ନିକଟସ୍ଥ ଅଭିଜ୍ଞ ଚିକିତ୍ସକଙ୍କ ସହ ପରାମର୍ଶ କରି ଖାଇଲେ ନିଶ୍ଚୟ ଉପକୃତ ହେବେ ।

## ଆପଣ ଜାଣନ୍ତି କି ?

- ଅଣ୍ଡାରେ ଭିଟାମିନ୍ ସି କୁ ଛାଡି ବାକି ସମସ୍ତ ମହତ୍ତ୍ୱପୂର୍ଣ୍ଣ ଭିଟାମିନ୍ ରହିଛି ।
- ଭାରତରେ ଅନ୍ୟ ଦେଶ ଅପେକ୍ଷା ସର୍ବାଧିକ ଡାକଘର ରହିଛି ।
- ଶିକ୍ଷକ ଯେଉଁ ଚକଖଡିରେ ବ୍ଲାକବୋର୍ଡରେ ପାଠ ପଢ଼ାନ୍ତି ତାହା ସମୁଦ୍ରୀ ଜୀବ ପ୍ଲାଙ୍କଟନର ଜୀବାଶ୍ମରୁ ତିଆରି ।
- ଏ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଡାଇନୋସରର ଆକୃତି, ଓଜନ, ଖାଦ୍ୟପାନୀୟ ଏବଂ ଅନ୍ୟ ଅଭ୍ୟାସ ସମ୍ପର୍କରେ ବହୁତ କିଛି ତଥ୍ୟ ଜାଣି ପାରିଛନ୍ତି । କିନ୍ତୁ ଏଯାଏ ଜାଣି ପାରିନାହାନ୍ତି ଯେ ଡାଇନୋସରର ରଙ୍ଗ କ'ଣ ଥିଲା ।
- କଦଳୀର ଆବିଷ୍କାର ଆଠ ହଜାର ବର୍ଷର ପୁରୁଣା । ଶହେ ସାତ ଦେଶରେ କଦଳୀ ଫଳେ ।
- ସେଓ, ଅଙ୍ଗୁର ଭଳି ୱାଇନ୍ କିମ୍ବା ବିଅର୍ ପ୍ରସ୍ତୁତିରେ କଦଳୀ ମଧ ବ୍ୟବହାର କରାଯାଏ । ଏହା ସ୍ୱାଦିଷ୍ଟ ଓ ଅଧିକ ଦିନ ପର୍ଯ୍ୟନ୍ତ ରହିପାରେ ।
- କଦଳୀର ପ୍ରଜାତି ସଂଖ୍ୟା ପାଖାପାଖି ହଜାରେ । ସ୍କାର୍ଲେଟ୍, ପିଙ୍କ୍, ବ୍ଲୁ, ସୋ ଫଲ୍ସ, ଗୋଲଡପିଙ୍ଗର୍ ଆଦି କଦଳୀର କିଛି ପ୍ରଜାତିର ନାଁ ।
- କଦଳୀ ସ୍ୱାଭାବିକ ଭାବେ ପରମାଣୁ ବିକିରଣ ପ୍ରତିରୋଧୀ । କଦଳୀରେ ଚାଳିଶ ପ୍ରତିଶତ ପଟାସିୟମ୍ ଥାଏ, ଯାହା ପରମାଣୁ ବିକିରଣ ରୋକିବାକୁ ସକ୍ଷମ ।
- କଦଳୀ ଚୋପାରେ ଜୋତା ପଲିସ୍ କରିହେବ । ଚୋପା ଘଷିବା ପରେ ସଫା କପଡ଼ାରେ ପୋଛିବାକୁ ପଡ଼େ ।

## ଗଳା ସଂକ୍ରମଣରୁ ରକ୍ଷାକରେ ଗୁଜୁରାତି



**ଶୀତ** ଋତୁରେ ବିଶେଷକରି ଗଳା ସଂକ୍ରମଣ ଅଧିକ ହୁଏ । ଏଭଳି ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଥିଲେ ଗୁଜୁରାତି ବେଶ୍ ଲାଭପ୍ରଦ । ପ୍ରତିଦିନ ସକାଳ ଓ ରାତିରେ ୨ଟି ଛୋଟ ଗୁଜୁରାତିକୁ ଭଲଭାବେ ଚୋବାଇ ଖାଇବା ପରେ ଉଷୁମ ପାଣି ପିଇଦେଲେ ଆରାମ ମିଳିଥାଏ । ଯଦି ସଂକ୍ରମଣ କାରଣରୁ ଗଳା ନାଳି ପଡିଥାଏ କିମ୍ବା ଲାଲ ଦାନା ସଦୃଶ ଫଳିଯାଏ, ତେବେ ମୂଳା ରସରେ ଗୁଜୁରାତି ଗୁଣ୍ଡ ମିଶାଇ ସେବନ କରନ୍ତୁ । ଏହାଦ୍ୱାରା ସଂକ୍ରମଣ ଧୀରେ ଧୀରେ ଭଲ ହୋଇଯିବ । ଅନେକ ସମୟରେ କାଶ ଦୀର୍ଘଦିନ ପର୍ଯ୍ୟନ୍ତ ଲାଗିରହେ । ଏଥିରୁ ଆରାମ ପାଇବାକୁ ହେଲେ ଗୁଜୁରାତି, ଅଦା, ଲବଙ୍ଗ ଏବଂ ତୁଳସୀ ପତ୍ରକୁ ମିଶାଇ ଚୋବାନ୍ତୁ । ଭଲ ଲାଗିବ ।

## ଓଜନ ହ୍ରାସ ଲାଗି ଆହାର

**ଓଜନ** ହ୍ରାସ ପାଇଁ ଶାରୀରିକ ବ୍ୟାୟାମ ତୁଳନାରେ ଉପଯୁକ୍ତ ଏବଂ ସନ୍ତୁଳିତ ଆହାର ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । କୁହାଯାଇଛି ଯେ, ଖାଦ୍ୟ ହଜମ ପ୍ରକ୍ରିୟାରେ ୧୦ ପ୍ରତିଶତ କ୍ୟାଲୋରୀ ନଷ୍ଟ ହେବାବେଳେ ବ୍ୟାୟାମ ଦ୍ୱାରା ୫-୧୫ ପ୍ରତିଶତ କ୍ୟାଲୋରୀ ନଷ୍ଟ ହୋଇଥାଏ । କିନ୍ତୁ ତାହାର ଅର୍ଥ ନୁହେଁ ଯେ, ବ୍ୟାୟାମ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଅଧ୍ୟୟନ ମୁତାବକ ବ୍ୟାୟାମ ତୁଳନାରେ ଅପେକ୍ଷାକୃତ ଭାବେ ସନ୍ତୁଳିତ ଆହାର ଉତ୍ତମ ସ୍ୱାସ୍ଥ୍ୟ କାରକ ।



ଓଜନ ହ୍ରାସ ନିମନ୍ତେ ଉଦ୍ଦିଷ୍ଟ ଆହାର ଗୁଡିକ ହେଲା ଛତୁଆ, ଭେଜିଟେବଲ ସୁପ୍, ଅଣ୍ଡା, ମକା, ସତେଜ ଫଳ । ଏହା ଓଜନ ହ୍ରାସ ଲାଗି ସନ୍ତୁଳିତ ଆହାର, ଯେଉଁଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, କ୍ୟାଲସିୟମ, ଫାଇବର, ମିନେରାଲ, ଭିଟାମିନ୍ ରହିଥାଏ । ଏଣୁ ନିତିଦିନ ଉପଯୁକ୍ତ ଅନୁପାତରେ ଏହାକୁ ଖାଆନ୍ତୁ ଏବଂ ଓଜନ କମାନ୍ତୁ ।

## ଓଜନ କମ୍ କରିବ ସେଓ ସିରକା

**ବ**ହୁ ଲୋକ ଜାଣନ୍ତି ସେଓ ସିରକା ସ୍ୱାସ୍ଥ୍ୟ ପାଇଁ କେତେ ପ୍ରଭାବୀ । ଏହି କାରଣରୁ ଶୀତ ଦିନେ ସେଓ ସିରକା ବହୁ ଲୋକ ବ୍ୟବହାର କରିଥାନ୍ତି । ଏଥିରେ କ୍ୟାଲୋରି ମାତ୍ରା ଖୁବ୍ କମ ରହିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଆମିନୋ ଏସିଡ୍ ଓ ପୋଟାସିୟମ ପ୍ରଚୁର ରହିଥାଏ ।



୧୦୦ ଗ୍ରାମ ସେଓ ସିରକାରେ ପ୍ରାୟ ୨୨ କ୍ୟାଲୋରି ରହିଛି, ସକାଳୁ ଖାଲିପେଟରେ ଏକ ଗ୍ଲାସ ପାଣିରେ ଛୋଟ ଚାମଚ ସେଓ ସିରକା ମିଶାଇ ପିଇବା ଫଳରେ ମେଟାବଲିଜ ମଜଭୁତ ହେବା ସହିତ ପେଟରେ ଚର୍ବି ମଧ କମ ହୋଇଥାଏ ।

ସେଓ ସିରକାରେ ରହିଥିବା ଏସିଟିକ୍ ଏସିଡ୍ ପେଟର ଚର୍ବି କମ୍ କରିବାରେ ସବୁଠାରୁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

କ୍ଲିନିକାଲ ଜର୍ନାଲରେ ପ୍ରକାଶିତ ଷ୍ଟଡି ମୁତାବକ, ସେଓ ସିରକାରେ ଥିବା ଏସିଟିକ୍ ଏସିଡ୍ ଥିବା ଯୋଗୁଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନ ଥାଏ । ଏହା ବ୍ଲଡ ସୁଗାରକୁ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥାଏ ।

ସେଓ ସିରକା ସବୁବେଳେ ପାଣିରେ ମିଶାଇ ଖାଆନ୍ତୁ, ସିଧା ସଳଖ ଏହାକୁ ବ୍ୟବହାର କରିବା ଉଚିତ ନୁହେଁ । ଏକା ଥରକେ ସେଓ ସିରକା ଖାଆନ୍ତୁ ନାହିଁ, ଅଳ୍ପ ଅଳ୍ପ କରି ସମୟ ବ୍ୟବଧାନରେ ଖାଇବା ସ୍ୱାସ୍ଥ୍ୟପାଇଁ ଲାଭଦାୟକ । ଖାଦ୍ୟ ଖାଇବା ପୂର୍ବରୁ ସିରକା ପିଇବାକୁ ଚେଷ୍ଟା କରନ୍ତୁ । ଓଜନ କମ୍ କରିବା ପାଇଁ କେତେ ପରିମାଣର ସିରକା ଖାଇବେ ତାହା ଡାକ୍ତରଙ୍କ ପରାମର୍ଶ ନେଇ କରନ୍ତୁ ।

## ସ୍ୱାସ୍ଥ୍ୟ ପାଇଁ ହଳଦୀ କ୍ଷୀର

**ହ**ଳଦୀ ଏଭଳି ଏକ ମସଲା ଯାହା ସମସ୍ତଙ୍କ ରୋଷେଇଘରେ ଥାଏ । ଆଣ୍ଟିସେପ୍ଟିକ ଏବଂ ଆଣ୍ଟିବାୟୋଟିକ୍ ଗୁଣରେ ଭରପୁର ହଳଦୀ ଶରୀରରୁ ଯନ୍ତ୍ରଣା ଦୁର କରିବାରେ ସବୁଠୁ ଉତ୍ତମ ପେନକିଲର ଭାବେ ଜଣା । ଶୀତରେ ହଳଦୀ କ୍ଷୀର ପିଇଲେ ବିଶେଷ ଫାଇଦା ମିଳିଥାଏ ।



**ଚର୍ମ ସମସ୍ୟା ଦୂର :** କ୍ଷୀର ପିଇଲେ ତ୍ୱଚାରେ ଉଜ୍ଜ୍ୱଳତା ଆସିଥାଏ । କିନ୍ତୁ ସେହି କ୍ଷୀରରେ ସାମାନ୍ୟ ହଳଦୀ ମିଶାଇ ପିଇଲେ ଆଣ୍ଟିସେପ୍ଟିକ୍ ଏବଂ ଆଣ୍ଟିବ୍ୟାକ୍ଟେରିଆଲ ଭଳି କାମ କରେ । ଫଳରେ ଚର୍ମଜନିତ ସଂକ୍ରମଣରୁ ରକ୍ଷା ମିଳିଥାଏ ।

**ଥଣ୍ଡା କାଶରୁ ଉପଶମ :** ଶୀତରେ ଥଣ୍ଡା, କାଶ ଜ୍ୱର ହେବା ଅତି ସାଧାରଣ କଥା । କିନ୍ତୁ ବେଶୀ ଦିନ ଲାଗି ରହିଲେ ଏହା ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ । ଏଣୁ ଶୀତରେ ଯଥାସମ୍ଭବ ଏଭଳି ସଂକ୍ରମଣରୁ ରକ୍ଷା ପାଇବାକୁ ହଳଦୀ କ୍ଷୀର ପିଇବା ଉଚିତ । ଏହା ଜମାଟ କଫ ବାହାର କରିବା ସହ ଶରୀରକୁ ଉଷୁମ ରଖିଥାଏ ।

**ସୁନିଦ୍ରା :** ଯେତେବେଳେ ରାତିରେ ନିଦ କମ ହୁଏ କିମ୍ବା ବିଳମ୍ବିତ ରାତିରେ ନିଦ ଆସେ, ସେତେବେଳ ହଳଦୀ କ୍ଷୀର ସବୁଠୁ ଉତ୍ତମ ଘରୋଇ ଉପଚାର ପାଲଟିଥାଏ । ଶୋଇବା ପୂର୍ବରୁ ଦୈନନ୍ଦିନ ହଳଦୀ ମିଶା କ୍ଷୀର ପିଇଲେ ଏହି ସମସ୍ୟାରୁ ଆରାମ ମିଳିଥାଏ ।

**ଶର୍କରା ନିୟନ୍ତ୍ରଣ :** ଯଦି ରକ୍ତରେ ଶର୍କରା ମାତ୍ରା ଅଧିକ ଥାଏ, ତେବେ ହଳଦୀ ମିଶା କ୍ଷୀର ପିଇବା ଦ୍ୱାରା ତାହା ନିୟନ୍ତ୍ରଣରେ ରହିଥାଏ ।

## କହିପାରିବେ କି ?

(୧) ୧୮୫୭ ସିପାହୀ ବିଦ୍ରୋହର କିଏ ପ୍ରଥମ ସହିଦ ହୋଇଥିଲେ ?
(୨) ଭାରତର ପ୍ରଥମ ମହିଳା ରାଜ୍ୟପାଳ କିଏ ଥିଲେ ?
(୩) 'ବ୍ରହ୍ମ ସମାଜ'ର ସ୍ଥାପନା କାହାଙ୍କ ଦ୍ୱାରା ହୋଇଥିଲା ?
(୪) ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ମୂଳ ନାମ କ'ଣ ?
(୫) ବୌଦ୍ଧ ଧର୍ମର ଧର୍ମଗ୍ରନ୍ଥର ନାମ କ'ଣ ?
(୬) 'ରାମକୃଷ୍ଣ ମିଶନ'ର ସ୍ଥାପନା କିଏ କରିଥିଲେ ?
(୭) ବେଦ ଆଡକୁ ଫେରି ଚାଲ କିଏ କହିଥିଲେ ?
(୮) ଭାସ୍କୋଡାଗାମା ଭାରତକୁ କେବେ ଜଳପଥ ଆବିଷ୍କାର କରିଥିଲେ ?
(୯) ଶିଖ ଧର୍ମର ସଂସ୍ଥାପକ କେଉଁ ଶିଖ ଗୁରୁଙ୍କୁ ମାନିଥାନ୍ତି ?
(୧୦) 'ଲୌହ ପୁରୁଷ' କେଉଁ ମହାପୁରୁଷଙ୍କୁ କୁହାଯାଏ ?

### JUMBLE WORDS

| | | | |
|---|---|---|---|
| 1) AINGA | = | 6) LESLP | = |
| 2) LIOCC | = | 7) WEHRSD | = |
| 3) RAAYCN | = | 8) DZCIAO | = |
| 4) LNAIEF | = | 9) CEETL | = |
| 5) VALEE | = | 10) NITKH | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.CH4, ୨.ସୁଟର, ୩.ବିହାର, ୪.ରାଜୀବ ଗାନ୍ଧୀ, ୫.ପ୍ୟାରିସ୍, ୬.କାଠମାଣ୍ଡୁ, ୭.ନୂଆଦିଲ୍ଲୀ, ୮.ଓଡ଼ିଶା , ୯.ରବୀନ୍ଦ୍ରନାଥ ଟାଗୋର, ୧୦.ବୃହଦାରଣ୍ୟକୋପନିଷଦ ।

***Jumble Words*** ର ଉତ୍ତର **:-**

(1) ZIPPER (2) OBJECT (3) FOCAL (4) YOUTH (5) SLUDGE (6) FORBID (7) ARROW (8) GOURD (9) DECODE (10) WINNER

## ଟିପିଡବ୍ଲ୍ୟୁଓଡିଏଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବୁର୍ଲା: ଟିପିଡବ୍ଲ୍ୟୁଓଡିଏଲ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ ତରଫରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମାଝିପାଲି ସ୍ଥିତ ବିକାଶ ସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପାଞ୍ଚ ଗୋଟି ମଣ୍ଡଳ ଏବଂ ମୁଖ୍ୟ କାର୍ଯ୍ୟାଳୟକୁ ମିଶାଇ ଛଅଗୋଟି ଟିମ୍ ଭାଗ ନେଇଥିଲେ । ଅନ୍ୟାନ୍ୟ ପ୍ରତିଯୋଗିତା ମଧ୍ୟରୁ କବାଡ଼ି ଏବଂ ଦୌଡ଼ି-ଟଣା ସମସ୍ତ ଦର୍ଶକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଚଳିତ ବର୍ଷ ବରଗଡ଼ ମଣ୍ଡଳ ସର୍ବୋଚ୍ଚ ସ୍କୋର କରି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ ନିର୍ବାହୀ ଅଧିକାରୀ ଗଜାନନ୍ କାଲେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ ଏବଂ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବରଗଡ଼ ମଣ୍ଡଳ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅପରେସନ୍ ବିଭାଗର ମୁଖ୍ୟ ଶ୍ରୀ ଆଶିଷ ପାଢ଼ୀଯୋଶୀ ବରଗଡ ମଣ୍ଡଳର ସମସ୍ତ କର୍ମଚାରୀ ଏକତ୍ରିତ ହୋଇ ଯେପରି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ, ସେହିପରି ଭାବେ ବିଦ୍ୟୁତ୍ ସେବାର ମାନକୁ ଉନ୍ନତ କରିବା ପାଇଁ ମଧ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ଆଶା ପ୍ରକାଶ କରିଥିଲେ ।

## ଅସ୍ଥାୟୀ ଟେରାକୋଟା ବିପଣୀ କେନ୍ଦ୍ରର ଶୁଭାରମ୍ଭ

ସୋନପୁର: ସୋନପୁର ବ୍ଲକ ଛକଠାରେ ଦୀପାବଳି ପର୍ବକୁ ଆଖି ଆଗରେ ରଖି ଜିଲ୍ଲାର ଜନସାଧାରଙ୍କୁ ଟେରାକୋଟା ହସ୍ତଶିଳ୍ପ ସାମଗ୍ରୀ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ଅସ୍ଥାୟୀ ଟେରାକୋଟା ବିପ୍ପଣ କେନ୍ଦ୍ରକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ବିମଳେନ୍ଦୁ ରାୟ ଉଦଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ, ସୁବର୍ଣ୍ଣପୁରର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର ମେହେର ଯୋଗ ଦେଇ ଉତ୍ପାଦକ ଗୋଷ୍ଠୀର ସଦସ୍ୟ/ସଦସ୍ୟା ମାନଙ୍କ ସହ ଟେରାକୋଟା ସାମଗ୍ରୀ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଡ଼ିଓ, ସୋନପୁର ଶ୍ରୀ ସୌମ୍ୟରଞ୍ଜନ ସ୍ୱାଇଁ, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅଶ୍ୱିନୀ କୁମାର ଭୋଇ, ଏପିଡି- ଦକ୍ଷତାବୃଦ୍ଧି ଶ୍ରୀମତୀ ଶୈବାଳିନୀ ପଟ୍ଟନାୟକ, ଓରମାସ, ସୁବର୍ଣ୍ଣପୁରର କାର୍ଯ୍ୟନିର୍ବାହୀ ସହକାରୀ ଶ୍ରୀ ଦେବାଶିଷ ମିଶ୍ର, ଡିସି -ସ୍କିଲ ଶ୍ରୀ ବିଶ୍ୱମ୍ଭର ପରିଡା, ବ୍ୟବସାୟ ପରିଚାଳନା ଶ୍ରୀ ମହେଶ କୁମାର ଦାଶ ଓ ସୁବର୍ଣ୍ଣଶ୍ରୀ ଉତ୍ପାଦକ କମ୍ପାନୀର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ ।

## ସମ୍ବଲପୁର ପୂର୍ବ ଡିଭିଜନର ସମସ୍ୟାର ସମାଧାନ ଦାବି

ସମ୍ବଲପୁର : ସମ୍ବଲପୁର ପୂର୍ବ ବିଭାଗର ଡିଭିଜନ ୧ର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରମିକ ନେତା ରତିକାନ୍ତ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସେଗୁଡିକର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଏକ ପତ୍ରରେ ଦର୍ଶାଇଛନ୍ତି ଯେ, ଏହି ଡିଭିଜନରେ ୨୦ଟି ପଦବୀ ଖାଲି ରହିଛି ଏବଂ ଏହା ମାତ୍ର ୩ଜଣ ଷ୍ଟାଫ୍‌ଙ୍କ ଦ୍ୱାରା ଚାଲୁଛି । ସେହିପରି ଜଣେ ମାତ୍ର ଏସଟିମେଟର ଏହି ଡିଭିଜନରେ ରହିଛନ୍ତି । ଗତ ୩ ମାସ ହେବ ଆଉଟ୍ ସୋର୍ସିଂ ଷ୍ଟାଫ୍ ମାନେ ତାଙ୍କର ପାଉଣା ପାଇନାହାନ୍ତି । ଏଥିପାଇଁ ଜନସାଧାରଣ ତଥା ଠିକାଦାରମାନେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ତୁରନ୍ତ ଖାଲି ପଡିଥିବା ପଦବୀ ପୁରଣ ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବା ପାଇଁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

## ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟି ବୈଠକ

ସୋନପୁର: ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟିର ଏକ ବୈଠକ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚଳିତ ମାସ ୨୦ ତାରିଖ ସୁଦ୍ଧା ଜିଲ୍ଲାର ଏସ ଏଚ ଜି ସଦସ୍ୟା ଓ ଜିକେ ଏସ ସଦସ୍ୟ ସଦସ୍ୟାଙ୍କୁ ନେଇ ଶିଶୁ କନ୍ୟା ଜନ୍ମ ହାର କମ ହେଉଥିବା ତଥା କନ୍ୟା ଭ୍ରୂଣ ହତ୍ୟା ଉପରେ ସଚେତନତା ବୈଠକ ଅନୁଷ୍ଠିତ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ । ବିଭାଗୀୟ କାର୍ଯ୍ୟକ୍ରମର ସୁଫଳ ଯେପରି ସମସ୍ତ ହିତାଧିକାରୀଙ୍କ ପାଖରେ ସହଜ ଉପଲବ୍ଧ ହୋଇପାରିବ ସେଥି ନିମନ୍ତେ ଆବଶ୍ୟକ ପ୍ରଚାର ପ୍ରସାର ପାଇଁ ଜିଲ୍ଲାର ସମସ୍ତ ପଞ୍ଜିକୃତ ଅଲଟ୍ରା ସାଉଣ୍ଡ କେନ୍ଦ୍ର ସତ୍ୱାଧୀକାରୀ ପ୍ରମୁଖ ଅନ୍ୟୁନ ୨ ଟି ଲେଖାଏଁ ପ୍ରାଚୀର ବିଜ୍ଞାପନ ପ୍ରଦାନକୁ ସୁନିଶ୍ଚିତ କରିବାକୁ ବୈଠକରେ ଆଲୋଚନା କରାଯାଇ ଏହି କାର୍ଯ୍ୟ ଯେପରି ଆସନ୍ତା ୭ ଦିନ ମଧ୍ୟରେ ସମାପନ ହେବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟନାରାୟଣ ପାଢ଼ୀ ସ୍ୱାଗତ ସମ୍ଭାଷଣ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଲଏ ଆଇଏସ ଶୋଭନା ଦାଶ ଗତ ବୈଠକର ନିଷ୍ପତ୍ତିର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଏଡିପିସିଏଚ ଡ଼ାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଡି ପି ଏଚ ଓ ଡ଼ାକ୍ତର ଦୁର୍ଗାଦତ୍ତ ଦାଶ , ଡିପି ଏଚଓ ଡ଼ାକ୍ତର ମନୋଜ କୁମାର ଅଦାବର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ଼ାକ୍ତର ଅରବିନ୍ଦ ମହାପାତ୍ର, ମେଡ଼ିସିନ ସ୍ପେସିଆଲିଷ୍ଟ ଡ଼ାକ୍ତରନରେନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସାମ୍ବାଦିକ ସ୍ୱାଧୀନ କୁମାର ମେହେର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ସରକାରୀ ଓକିଲ ଅଟଳ ବିହାରୀ ମହାପାତ୍ର, ଡ଼ିଏମଆରସିଏଚ ସୁଧାଂଶୁ ନାଏକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଡିପିଏମ ବିଶ୍ୱମ୍ଭର ବେହେରା ତଥା ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସି.ଡି.ଓ. କମ୍. ଇଓ ଧର୍ମେନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଯୋଜନା ଓ ଦାରିଦ୍ର୍ୟ ନିବାରଣ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିୟୋଜନ ଗ୍ୟାରେଣ୍ଟି ଆକ୍ଟ, ୫-ଟି ସ୍କୁଲ, ଗ୍ରାମାଞ୍ଚଳ ବାସଗୃହ ଯଥା- ବେନିଫିସିଆରୀଙ୍କୁ ପ୍ରୋତ୍ସାହନ ରାଶି, ମୋ ଘର ଆଲୋଚନା କରାଯାଇଥିଲା, ସିଏଫସି/ ଏସ୍‌ଏଫସି ଓ ଏନ୍‌ଏଚ୍‌ଏମ୍ ସମ୍ପର୍କୀୟ କାର୍ଯ୍ୟ, ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ବ୍ୟାଙ୍କ ସେବା ଯୋଗାଇବା, ଗ୍ରାମୀଣ ଆବାସ ଅର୍ଥାତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ ଘର, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସମାଜ , ଓଡିଶା ଜୀବିକା ମିଶନ୍ ଓ ମିଶନ୍ ଶକ୍ତି,ଇ-ଗ୍ରାମସ୍ୱରାଜ ପୋର୍ଟାଲ୍, ଆମ ଓଡ଼ିଶା ନବୀନ ଓଡ଼ିଶା, ସ୍ୱଚ୍ଛ ଭାରତ ମିଶନ୍ ଓ ପିଇବା ପାଣି ଉପରେ ଏବଂ ବିଭାଗୀୟ ଅଗ୍ରଗତି ଓ ଚାଲୁ ରହିଥିବା ପ୍ରକଳ୍ପ ଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ (ବି.ଡି.ଓ) ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ସ୍ୱାଗତ ସମାରୋହ

ସୋନପୁର: ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟିର ଅଧ୍ୟକ୍ଷ କିଶୋର ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି, ଅଧାପକ ଗୋପାଳ କୃଷ୍ଣ ଦାସ ଓ ରୁଦ୍ର ନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତମ ଭବିଷ୍ୟତ ଗଠନ ଓ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି ମତବ୍ୟକ୍ତ କରି ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ । ଅଧ୍ୟକ୍ଷ ନାୟକ କଲେଜର ସୁନାମ ରଖି ଅଭିଭାବକଙ୍କ ଇଚ୍ଛା ପୂରଣ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅଧାପକ ହରିଶ୍ଚନ୍ଦ୍ର ହୋତା ବେଦପାଠ କରିଥିଲେ । ଅଧାପକ ଭଗବାନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ଦିବ୍ୟାଲୋକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଶ୍ରମ ଆଇନ ସଚେତନତା ରଥ ଉଦ୍‌ଘାଟିତ

ସୋନପୁର: ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଓ ଶ୍ରମ ଆଇନରେ ଥିବା ଅଧିକାର ଏବଂ ସୁବିଧା-ସୁଯୋଗ ଉପରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରଚାର ଅଭିଯାନ ଆରମ୍ଭ ହୋଇଛି । ଉଭୟ ଭାରତ ସରକାର ଏବଂ ଓଡିଶା ସରକାର ତରଫରୁ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ରହିଥିବା ସାମ୍ବିଧାନିକ ଅଧିକାର ସହ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ଉପରେ ଲୋକଙ୍କୁ ସଚେତନ କରାଯିବ । ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପ୍ରଚାର ରଥକୁ ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ପ୍ରଚାର ରଥ ଜିଲ୍ଲାର ୬ଟି ବ୍ଲକର ପ୍ରମୁଖ ସ୍ଥାନକୁ ପରିକ୍ରମା କରିବା ସହ ଲୋକଙ୍କୁ ପ୍ରବାସୀ ଶ୍ରମ ଆଇନ ଉପରେ ସଚେତନ କରିବ ।

## ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ବିଜୟୀ ସୁନ୍ଦରଗଡ଼ର ସ୍ୱରିତ

ସୁନ୍ଦରଗଡ଼ : ନନ୍ଦନକାନନ ଜିୟଲୋଜିକାଲ ପାର୍କ ତରଫରୁ ଆୟୋଜିତ ରାଜ୍ୟ ସ୍ତରୀୟ କୁଇଜ ପ୍ରତିଯୋଗିତାରେ କୁଇଜ ମାଷ୍ଟର ସ୍ୱରିତ ଉପାଧ୍ୟାୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେ ପୂର୍ବରୁ ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ, ଜି ଟିଭି ଓ ମାଇଣ୍ଡ ଓ୍ୱାର ଦ୍ୱାରା ଆୟୋଜିତ ଜାତୀୟ ସ୍ତରୀୟ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ନିଜ ବିଦ୍ୟାଳୟ, ଝୁରିମାଲ ଗାଁ ତଥା ଜିଲ୍ଲା ପାଇଁ ସମ୍ମାନ ସାଉଁଟିଛନ୍ତି । ଲେଫ୍ରିପଡ଼ା ବ୍ଲକ ଝୁରିମାଲ ଗ୍ରାମର ଦିଗାମ୍ବର ଉପାଧ୍ୟାୟ ଓ ଅନୁପମାଙ୍କ ଏକମାତ୍ର ପୁଅ ସ୍ୱରିତ । ସେ ରିଭରଷ୍ଟୋନ ଇଣ୍ଟରନ୍ୟାଶନାଲ ସ୍କୁଲର ୭ମ ଶ୍ରେଣୀର ଛାତ୍ର । ପିଲାଟି ଦିନରୁ ବନ୍ୟପ୍ରାଣୀ, ବନ୍ୟଜନ୍ତୁ, ସଂସ୍କୃତି, ବିଜ୍ଞାନ ଆଧାରିତ ସାଧାରଣ ଜ୍ଞାନ ଉପରେ ରୁଚି ରଖି ଥିବା ସ୍ୱରିତ ନିୟମିତ ଭାବେ ବିଭିନ୍ନ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଆସୁଛନ୍ତି । ଚଳିତ ବର୍ଷ ବନ୍ୟପ୍ରାଣୀ ସପ୍ତାହ ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏଥିପାଇଁ ତାଙ୍କ ସ୍କୁଲ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଉପାଧ୍ୟାୟଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରିଥିଲେ । ସ୍କୁଲ ନିର୍ଦ୍ଦେଶକ ରୋଶନ ପଟେଲ ସ୍ୱରିତଙ୍କ ଏକାଗ୍ରତା ଓ ନିଷ୍ଠା ପାଇଁ କୃତିତ୍ୱ ହାସଲ କରିଛନ୍ତି ବୋଲି କହିଥିଲେ ।

## ଜିଏମୟୁରେ ହସ୍ତଶିଳ୍ପ ଓ ବୟନଶିଳ୍ପ ମହୋତ୍ସବ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଭାରତ ସରକାରଙ୍କ ବୟନ ମନ୍ତ୍ରାଳୟ ସହଯୋଗରେ ହୋଇଥିବା ତିନିଦିନିଆ 'ହସ୍ତଶିଳ୍ପ ଓ ବୟନଶିଳ୍ପ' ମହୋତ୍ସବ- ଉଦ୍‌ଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ହସ୍ତଶିଳ୍ପ ଓ ବିଭିନ୍ନ ପ୍ରକାର ହସ୍ତତନ୍ତର ଉପାଦେୟତା ବିଷୟରେ ଅବଗତ କରାଯାଇଛି । ଏହି ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ଯୁଗଳେଶ୍ୱରୀ ଦାଶ ଓ ଭାରତ ସରକାରଙ୍କ ବୟନ ମନ୍ତ୍ରାଳୟ ପକ୍ଷରୁ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ କୁମାରୀ ଶୈଳଜା ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra


## ହୀରାଖଣ୍ଡ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ

ସମ୍ବଲପୁର: ହୀରାଖଣ୍ଡ ନାଗରିକ ପରିଷଦର ୩୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପରିଷଦର ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ଅତିଥି ଭାବେ ଏବଂ ଗୌରୀଦାସ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅନୁଷ୍ଠାନ ସମ୍ପାଦକ ନିର୍ମଳ ମାଇତି ପ୍ରାରମ୍ଭିକ ସୂଚନା ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଶୀତାଂଶୁ ପଟ୍ଟନାୟକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ବୀମା ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଏହି ଅବସରରେ ଡାକ୍ତର ଜୟଦେବ ମେହେର, ନନ୍ଦ କିଶୋର ଦେବତା ଏବଂ ଉଲ୍ଲେଖନୀୟ ସେବା ପାଇଁ 'ସମ୍ବଳ'କୁ ସମ୍ମାନିତ କରାଯାଇଥିଲା । ପ୍ରଶାନ୍ତ କୁମାର ପାଢ଼ୀଯୋଶୀ, ଅରବିନ୍ଦ ମହାପାତ୍ର, ନନ୍ଦ କିଶୋର ଦେବତା ମାନପତ୍ର ପାଠ କରିଥିଲେ । ଶେଷରେ ସହ ସମ୍ପାଦକ ଧନେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ଭୁବନେଶ୍ୱର ଭଞ୍ଜ ଭାରତୀ’ ପକ୍ଷରୁ କୃଷ୍ଣକଥା



ଭୁବନେଶ୍ୱର : ସାରସ୍ୱତ ଅନୁଷ୍ଠାନ ‘ଭୁବନେଶ୍ୱର ଭଞ୍ଜ ଭାରତୀ’ ପକ୍ଷରୁ ଗୀତ ଗୋବିନ୍ଦ ସଦନରେ ଦୁଇଦିନିଆ କୃଷ୍ଣକଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱରର ଆସାମ ବଙ୍ଗୀୟ ସାରସ୍ୱତ ମଠର ଆଶ୍ରମାଧ୍ୟକ୍ଷ ସ୍ୱାମୀ ସ୍ୱଧାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉଭୟ ଦିନ ଅନୁଷ୍ଠାନର ସଭାପତି ନିଳାଦ୍ରୀମୋହନ ଶତପଥି



ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ମୂଳ ସଂସ୍କୃତ ଭାଗବତ ଆଧାରରେ କୃଷ୍ଣ କଥା ଉପରେ ପ୍ରବଚନ ଦେଇଥିଲେ । ପୁରୀ ରାଧାବଲ୍ଲଭ ମଠର ମଠାଧିଶ ବାବା ରାମକୃଷ୍ଣ ଦାସ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠାନର ଉପସଭାପତି ମିଳନ କୁମାର ସାହୁ କୋଷାଧ୍ୟକ୍ଷା ଶୈଳଜା ମିଶ୍ର, ସଦସ୍ୟ ସୁକାନ୍ତ ଗିରି, ସ୍ୱୟଂ ପ୍ରଜ୍ଞା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ଗିରିଶ ପୁଣି ବିଜେପି ଜିଲ୍ଲା ସଭାପତି

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ବିଜେପି ସଭାପତି ଭାବେ ଦ୍ୱିତୀୟ ଥର ପାଇଁ ଗିରିଶ ପଟେଲ ମନୋନୀତ ହୋଇଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲଙ୍କ



ସୁପାରିଶକ୍ରମେ ରାଜ୍ୟର ୩୬ଟି ସାଂଗଠାନିକ ଜିଲ୍ଲା ପାଇଁ ନୂତନ ସଭାପତିଙ୍କ ନାମ ଘୋଷଣା ହୋଇଥିବା ବେଳେ ଏଥିରେ ଗିରିଶ ପୁଣି ସମ୍ବଲପୁର ଜିଲ୍ଲା ସଭାପତି ଦାୟିତ୍ୱ ପାଇଛନ୍ତି । ଫଳରେ ବର୍ତ୍ତମାନ ତାଙ୍କ ନେତୃତ୍ୱରେ ଦଳ ଆଗାମୀ ୨୦୨୪ ନିର୍ବାଚନ ମଇଦାନକୁ ଓହ୍ଲାଇବା ସ୍ପଷ୍ଟ ହୋଇଛି । ପୂର୍ବତନ ନଗରପାଳ ଶ୍ରୀ ପଟେଲ ଜଣେ ଦକ୍ଷ ସଂଗଠକ ରୂପେ ପରିଚିତ ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହ




କଟକ : ବାରଙ୍ଗ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ଆଜୀବନ ଅଧ୍ୟକ୍ଷ ଶ୍ରୀ ଶ୍ରୀ ରବିଶଙ୍କର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ପୂର୍ବତନ ୟୁରୋପିଆନ ସାଂସଦ ଯୋ ଲେନିନ୍, ଲୋକାୟୁକ୍ତ ଅଜିତ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପଦ୍ମଭୂଷଣ ବୈଦ୍ୟ ଦେବେନ୍ଦ୍ର ତ୍ରିଗୁଣୀ, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ହକି ମହାସଂଘର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ପ୍ରମୁଖଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ପ୍ରଦାନ କରାଯାଇଥିଲା । ଏହି ବର୍ଷ ଶ୍ରୀ ଶ୍ରୀ ବିଶ୍ୱ-ବିଦ୍ୟାଳୟ ୬୪୦ ସ୍ନାତକୋତ୍ତର ଏବଂ ଡକ୍ଟରେଟ ପ୍ରାପ୍ତ ୫ ଜଣଙ୍କୁ ଡାକ୍ତର ଦୁର୍ଗାପ୍ରସାଦ ଦାଶ, ଡାକ୍ତର ନିବେଦିତା ରାୟ, ଡାକ୍ତର ସିପ୍ରାରାମ, ଡାକ୍ତର ଗୋପୀକ୍ରିଷ୍ଣା ପଣ୍ଡା ଏବଂ ଡାକ୍ତର ମୋନାଲିସା ପଟେଲଙ୍କୁ ସମ୍ମାନଜନକ ଡିଗ୍ରୀ ଓ ୨୮ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା । ଶ୍ରୀ ଶ୍ରୀ ବିଶ୍ୱ-ବିଦ୍ୟାଳୟ ପ୍ରଫେସର ଶ୍ରୀମତୀ ରଜିତା କୁଲକର୍ଣ୍ଣି କୁଳପତି ପ୍ରଫେସର ଡାକ୍ତର ଡାକ୍ତର ଦୀପା ବିନୟେ ସ୍ୱାମୀ ସତ୍ୟ ଚୈତନ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ପ୍ରଫେସର ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ପ୍ରଫେସର ବିଆର ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ।

# ଟିପିଡବ୍ଲୁଓଡିଏଲ୍‌ର ସହଯୋଗରେ ମିଲେଟ୍ ଚାଷ କରି କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି



ବୁର୍ଲା : ପଶ୍ଚିମ ଓଡିଶାର ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବରଗଡ ଜିଲ୍ଲାର ବିଜେପୁର ଏବଂ ଝାରବନ୍ଧ ବ୍ଲକ ଅନ୍ତର୍ଗତ ୫ଟି ଗ୍ରାମ ଭଟିଗାଁ, ମହୁଲପାଲି, ଲୁହୁରାପାଲି, କୁସୁମଧରା ଏବଂ ବିଲାଶପୁର ଗ୍ରାମର ୪୨୬ ଜଣ କୃଷକଙ୍କୁ କୁଶଳୀ ତଥା ଅଭିଜ୍ଞ ପ୍ରଶିକ୍ଷକଙ୍କ ମାଧମରେ ପ୍ରଶିକ୍ଷଣ ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୪୦୮ ଜଣ କୃଷକଙ୍କୁ ମିଲେଟ୍ ଉତ୍ପାଦନ ପାଇଁ ଟିପିଡବ୍ଲ୍ୟୁଓଡିଏଲ ତରଫରୁ ମାଗଣାରେ ବିହନ ତଥା ଅନ୍ୟାନ୍ୟ ବୈଷୟିକ ଉପକରଣମାନ ଯୋଗାଇ ଦିଆଯାଇଥିଲା । କୃଷକମାନେ ୭୧୯ ଏକର ଜମିରେ ବିନା ରାସାୟନିକସାର ବ୍ୟବହାର କରି ମିଲେଟ୍ ଉତ୍ପାଦନ କରି ଚଳିତ ଖରିଫ ଋତୁରେ ଜଣ ପିଛା ପାୟ ୩୮,୨୪୮ ଟଙ୍କା ଲାଭବାନ ହୋଇଛନ୍ତି । ଟିପିଡବ୍ଲ୍ୟୁଓଡିଏଲ୍ ସହଯୋଗ କ୍ରମେ ଓଡିଶା ମିଲେଟ୍ ମିଶନ ମାଧମରେ କୃଷକମାନଙ୍କୁ ଉପଯୁକ୍ତ ପୋତ୍ସାହନ ମିଳିବା ଦ୍ୱାରା ଅତିରିକ୍ତ ମୋଟ ୧୬,୩୨,୦୦୦ ଟଙ୍କା ଅଧିକ ଲାଭାନ୍ୱିତ ହୋଇଛନ୍ତି । ବିଜେପୁର ସ୍ଥିତ କେ-ଗଣ୍ଡପାଲି ଗ୍ରାମରେ ମିଲେଟ୍ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗଜାନନ କାଲେ, ଟିପିଡିଡିଏଲ୍ (ଦିଲ୍ଲୀ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗଣେଶ ଶ୍ରୀନିବାସନ୍, ବରଗଡ ଜୋନାଲହେଡ୍ ଶ୍ରୀ ସୁରେନ୍ଦ୍ର ହୋତା, ସିଏସ୍‌ର ବିଭାର ଶ୍ରୀମତି ଅରୁଣା ମରାଣ୍ଡି ତଥା ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି କୃଷକମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଉତ୍ପାଦିତ ଦ୍ରବ୍ୟର ଉପଯୋଗିତା ବର୍ଣ୍ଣନା କରିଥିଲେ । କୃଷକମାନେ ଟିପିଡବ୍ଲ୍ୟୁଓଡିଏଲର ସହଯୋଗ ପାଇଁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜନସାଧାରଣଙ୍କ ସହିତ ଏହିପରି ସହଯୋଗ ଆଗକୁ ଜାରି ରହିବ ବୋଲି ଶ୍ରୀ କାଲେ ପ୍ରକାଶ କରିଥିଲେ । ମିଲେଟ୍‌ର ଚାହିଦା ଦିନକୁ ଦିନ ବଢୁଥିବା ଯୋଗୁଁ ଚଳିତ ବର୍ଷ ୩୦୫ ଜଣ ନୂତନ କୃଷକ ଟିପିଡବ୍ଲ୍ୟୁଓଡିଏଲର ସହଯୋଗ ପାଇଁ ପଞ୍ଜିକରଣ କରିଛନ୍ତି ।

# ସମ୍ବଲପୁର ଜିଲ୍ଲା ପରିଷଦର ଷଷ୍ଠ ବୈଠକ




ସମ୍ବଲପୁର : ସମ୍ବଲପୁର ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗତ ବୈଠକର ବିବରଣୀ, ଖରିଫ୍ ଚାଷ, ଉଦ୍ୟାନ ବିଭାଗର ଅଗ୍ରଗତି ଓ ବିଭିନ୍ନ କାର୍ଯ୍ୟକ୍ରମ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଷମ ବଣ୍ଟନ, ସମବାୟ ବିଭାଗର କୃଷି ଋଣ, ପ୍ରାଥମିକ ଶିକ୍ଷା ଓ ମାଧମିକ ଶିକ୍ଷା, ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ପ୍ରାଣୀ ସମ୍ପଦ ବିଭାଗ, ଗ୍ରାମ୍ୟ ନିର୍ମାଣ, ଜଳସେଚନ, କ୍ଷୁଦ୍ର ଜଳ ସେଚନ, ଉଠା ଜଳ ସେଚନ ଓ ପୂର୍ତ୍ତ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ପରିମଳ ବିଭାଗର ବିଭିନ୍ନ ଯୋଜନା ବାବଦରେ ଆଲୋଚନା ସହ ସମ୍ପୃକ୍ତ ବିଭାଗର ନୂତନ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra